ଧରିତ୍ରୀ DHARITRI
ରାୟଗଡା, ଗୁରୁବାର, ୧୨ ଡିସେମ୍ବର, ୨୦୧୯



## ସଂକ୍ଷେପରେ

### ସାପ୍ତାହିକ ଶ୍ରୀମଦ୍ ଭାଗବତ ମହାପୁରାଣ କଥା ଉଦ୍‌ଯାପିତ



**କୋରୁକୋଣ୍ଡା, ୧୧।୧୨(ଡ଼ି.ଏନ.ଏ)** ମାଲକାନଗିରି ଜିଲା କୋରୁକୋଣ୍ଡା ସଦରସ୍ଥିତ ସତସଙ୍ଗ ପଡ଼ିଆଠାରେ ସାପ୍ତାହିକ ଶ୍ରୀମଦ୍ ଭାଗବତ ମହାପୁରାଣ କଥା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ନଗର ପରିକ୍ରମା ଶେଷ ହୋଇଛି। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଆଧାତ୍ମିକ ଜନକଲ୍ୟାଣ ଗୋ ସେବା ପରିଷଦ ପକ୍ଷରୁ ଚାଲିଥିବା ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଗତ ୩ ତାରିଖରୁ ଆରମ୍ଭ ହୋଇଥିଲା। ପ୍ରଥମ ଦିବସରେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଆସି ସତସଙ୍ଗ ପଡ଼ିଆଠାରେ ଏକତ୍ରିତ ହୋଇଥିଲେ। ଅଧିବାସ, ଭାଗବତ ପୂଜନ ଓ ବାସୁଦେବ ମନ୍ତ୍ର ଯଜ୍ଞ ପରେ ସନ୍ଧ୍ୟାରେ ଭାଗବତ ମହାପୁରଣ କଥା ଆରମ୍ଭ ହୋଇଥିଲା। ଗୋକୃଷ ଉପାଖ୍ୟାନ, ସୁକ ପରୀକ୍ଷିତ, ଧ୍ରୁବ ଚରିତ୍ର, କୃଷ୍ଣ ଜନ୍ମ, ନନ୍ଦ ଉତ୍ସ, ଗିରି ଗୋବର୍ଦ୍ଧନ ଲୀଳା, ପ୍ରହ୍ଲାଦ ଚରିତ୍ର, ସୁଦାମ ଚରିତ୍ର ଆଦି ବିଷୟ ଉପରେ ହରିଦ୍ୱାରରୁ ଆସିଥିବା ପ୍ରବଚକ ସ୍ୱାଧୀ ଦିବ୍ୟା ଗୁରୁଜୀ ପ୍ରବଚନ ମାଧମରେ ବୁଝାଉଥିଲେ। ଏହି ଅବସରରେ କୃଷ୍ଣ ଓ ରୁକ୍ମଣୀ ବିବାହ ଉତ୍ସବ ମାଉଳି ମା ମନ୍ଦିର ଠାରେ ସମ୍ପନ୍ନ ହୋଇଥିଲା। କନ୍ଧମାଳ ଜିଲା ଚକାପାଦରେ ରହୁଥିବା ପରିଷଦର ଅଧକ୍ଷ ବ୍ରହ୍ମଚାରୀ ମାଧବ ଚୈତନ୍ୟ ମହାରାଜ ଏହି ମହାପୁରାଣ କଥାକୁ ପରିଚାଳନା କରିଥିଲେ। ପ୍ରତେହ ଭାଗବତ ପାଠ ଶ୍ରବଣ ଲାଗି ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଉଥିଲା।

## କସ୍ତୁରବା ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା

# ଘଣ୍ଟି ଘୋଡ଼ାଉଛନ୍ତି ଡିଇଓ

■ ୨୩ ଦିନ ବିତି ଯାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ନାହିଁ

■ ସନ୍ଦେହ ଘେରରେ ଜିଲା ଶିକ୍ଷା ବିଭାଗ

■ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବି: ବିଧାୟକ

**କାଲିମେଲା,୧୧।୧୨(ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ କାଙ୍ଗୁରୁକୋଣ୍ଡାସ୍ଥିତ କସ୍ତୁରବା ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗତ ୨୧ ତାରିଖରେ ବିଦ୍ୟାଳୟ ଛାତ୍ରୀ ନିବାସରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାକୁ ୨୩ ଦିନ ବିତିଗଲାଣି। ତେବେ ଏଯାଏ ଜିଲା ଶିକ୍ଷା ବିଭାଗ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି। ଫଳରେ ବିଭାଗର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ଘଟିବା ପରଦିନ ବିଇଓ ଗଙ୍ଗାଧର ପଟ୍ଟନାୟକ ବିଦ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ। ସେ ତାଙ୍କ ରିପୋର୍ଟରେ ଏହି ଛାତ୍ରୀ ନିବାସ ଦାୟିତ୍ୱରେ ପ୍ରଧାନଶିକ୍ଷୟିତ୍ରୀ ଏ. ବିଜୟଲକ୍ଷ୍ମୀ ଥିଲେ ମଧ ସେ କୌଣସି ଦିନ ଛାତ୍ରୀନିବାସରେ ରୁହନ୍ତି ନାହିଁ। ଘଟଣା ଦିନ ମଧ ସେ ଏଠାରେ ନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ଏପରି ଘଟିଥିବା ବିଇଓ ପଟ୍ଟନାୟକ ରିପୋର୍ଟରେ ଉଲ୍ଲେଖ କରିଥିଲେ। ତେବେ ଏହି ରିପୋର୍ଟକୁ ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ (ଡିଇଓ) ଅଣଦେଖା କରି ନିଜେ ଗତ ୩୦ରେ ବିଦ୍ୟାଳୟ ପରିଦର୍ଶନ କରି ଘଟଣାର ତଦନ୍ତ କରିଥିଲେ। ଏହି ସମୟରେ ପରିଚାଳନା କମିଟି ସଭାପତିଙ୍କ ସମେତ ସମସ୍ତ ସଦସ୍ୟ ଓ କେତେକ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଡିଇଓଙ୍କ ନିକଟରେ ଦାବି କରିଥିଲେ। ସେ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଡିଇଓ ସେଠୀ ତଦନ୍ତ କରି ଫେରିବାର ୮ ଦିନପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କେବଳ କାରଣ ଦର୍ଶାଅ ନୋଟିସ ଜାରି କରି ନୀରବ ରହିଛନ୍ତି। ଏହି କାରଣ ଦର୍ଶାଅ ନୋଟିସରେ ଛାତ୍ରୀ ବିଷ ପିଇବା ଘଟଣାର ସତ୍ୟତା ଥିବା ସେ ଉଲ୍ଲେଖ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗଣମାଧ୍ୟମ ନିକଟରେ ନିଜ ଦୋଷ ସ୍ୱୀକାର କରି ପରବର୍ତ୍ତୀ ସମୟରେ ଗଣମାଧ୍ୟମକୁ ଅର୍ଥ ପ୍ରଲୋଭନ ଦେଖାଇ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି। ବିଇଓଙ୍କ ରିପୋର୍ଟ, ପରିଚାଳନା କମିଟି ସଦସ୍ୟଙ୍କ ମତ ଏବଂ ପ୍ରଧାନଶିକ୍ଷୟିତ୍ରୀ ନିଜ ଭୁଲ୍ ସ୍ୱୀକାର ସତ୍ତ୍ୱେ ଜିଲା ଶିକ୍ଷା ଅଧିକାରୀ ତାଙ୍କୁ ଘଣ୍ଟ ଘୋଡାଇବା ସନ୍ଦେହ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଧାୟକ ଆଦିତ୍ୟ ମାଢି ଜାଣିବା ପରେ ସେ ଏନେଇ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଆବଶ୍ୟକ ହେଲେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଏହା ନେବେ ବୋଲି ପ୍ରକାଶ କରିଛନ୍ତି।


DISTRICT EDUCATION OFFICE : MALKANGIRI
Phone : 06861-230761, Email : deomalkangiri21@gmail.com
Smt.A Bijayalaxmi,
Headmaster & Hostel Superintendent,
K.G.B.V, Kangurukonda.
Show Cause Notice.

ଡିଇଓ ପଠାଇଥିବା କାରଣ ଦର୍ଶାଅ ନୋଟିସର ନକଲ ।



ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

# ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

**କାଲିମେଲା,୧୧।୧୨(ଡି.ଏନ.ଏ)–**

କାଲିମେଲା ବ୍ଲକ ଅନ୍ତର୍ଗତ ପୁଲିମେଟଲା ପଟେରୁ ଏମପିଭି–୬ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ୨ ଦିନିଆ ଜିଲାସ୍ତରୀୟ ବିଜ୍ଞାନ ମେଳା ବୁଧବାର ଉଦ୍‌ଯାପିତ ହୋଇଛି । ଏହି ମେଳାରେ ୫୯ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦଯାପନୀ ସମାରୋହରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ମୁଖ୍ୟ ଅତିଥି, ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟା ପ୍ରମିଳା ଦାସ, ଅଶୋକ ବୈଦ୍ୟ, କୋରୁକୋଣ୍ଡା ବିଇଓ ପତିତପାବନ ଦାସ, ପ୍ରଧାନ ଶିକ୍ଷକ ଜଗନ୍ନାଥ ପ୍ରସାଦ ବେହେରା, କାଲିମେଲା ଏବିଓ ରବୀନ୍ଦ୍ରନାଥ ଧର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମାଲକାନଗିରି ବିଇଓ ହିମାଂଶୁ ଭୂଷଣ ସମରଥ ପରିଚାଳନା କରିଥିଲେ । ଜିଲା ବିଜ୍ଞାନ ସୁପରଭାଇଜର କୃଷ୍ଣଚନ୍ଦ୍ର ବେବର୍ତ୍ତା ଅତିଥି ପରିଚୟ ଦେଇଥିଲେ। ପ୍ରଦର୍ଶିତ ପ୍ରକଳ୍ପ ମଧ୍ୟରୁ ୬ଟି ପ୍ରକଳ୍ପକୁ ରାଜ୍ୟସ୍ତରକୁ ଚୟନ କରାଯାଇଛି । ଏହି ପ୍ରକଳ୍ପଗୁଡିକ ହେଲା ବାଲିମେଲା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ନିକାଶ ରଞ୍ଜନ ମହାନ୍ତିଙ୍କ ସୌରଶକ୍ତି ଦ୍ୱାରା ସଂଚାଳିତ ଘାସକଟା ଯନ୍ତ୍ର, କୁଡୁଗୁଲୁଗୁମ୍ମା ନୋଡାଲ ଉଚ୍ଚ ବିଦ୍ୟାଳୟର ସ୍ୱୟମ ଦାସଙ୍କ ପଲିଥିନ ଓ ଅନ୍ୟାନ୍ୟ ଆବର୍ଜନାର ପୁନଃଚକ୍ରଣ ପ୍ରକଳ୍ପ, ଗୋବିନ୍ଦପାଲି ଉଚ୍ଚ ବିଦ୍ୟାଳୟର ପ୍ରତାପ ଟେକେଙ୍କ ଧାନ ଚଷୁରୁ ଇଥାଇନ୍ ଉଦ୍‌ଭାବନ ପ୍ରକଳ୍ପ, ମାଙ୍ଗିପାଲି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୁଭମ ହାଲଦାରଙ୍କ ବହୁମୁଖୀ ପ୍ରଦୂଷଣ ମୁକ୍ତ କାରଖାନା, କାଙ୍ଗୁରୁକୋଣ୍ଡା ଆଦର୍ଶ ବିଦ୍ୟାଳୟର ଜ୍ୟୋତିଭାଆଦିତ୍ୟ ବାଗଙ୍କ ଭବିଷ୍ୟତର ଗମନାଗମନ ନେଇ ଉପୁଜିବାକୁ ଥିବା ସମସ୍ୟାର ସମାଧାନ ଓ ବାଲିମେଳା ଦୁର୍ଗ ଲାଇନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ହିମାଦ୍ରୀ ତନୟା ଆଚାର୍ଯ୍ୟଙ୍କ ତ୍ରିଭୁଜ ବର୍ଗକ୍ଷେତ୍ରର ସଂଖ୍ୟାକୁ ଚିତ୍ର ମାଧମରେ ତ୍ରିଭୁଜ ଓ ବର୍ଗକ୍ଷେତ୍ରର ଗଣନା ଆଦି ପ୍ରକଳ୍ପ ଚୟନ ଚୟନ କରାଯାଇଛି। ଆସନ୍ତା ୨୭/୨୮ରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଏହି ପ୍ରକଳ୍ପଗୁଡିକ ସାମିଲ ହେବ। ସେହିପରି କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଦାନ ପାଉଥିବା ୨ଟି ପ୍ରକଳ୍ପ ମଧ ବଛାଯାଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏକ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ଭ୍ୟାନ ଆସି ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ସମ୍ପର୍କିତ ବିଭିନ୍ନ ସୂଚନା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନାରେ ସହାୟତା କରିଥିଲେ।



ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅଣ୍ଡରାପାଲି ପଞ୍ଚାୟତର ଓରାପଦର ଗ୍ରାମରେ ମଙ୍ଗଳବାର ବିଚ୍ଛିନ୍ନାଞ୍ଚଳ ଆଦିବାସୀ ବିକାଶ ମଞ୍ଚ ପକ୍ଷରୁ ହୋଇଥିବା ପ୍ରଜାମେଳିରେ ଉପସ୍ଥିତ ଜନସାଧାରଣ।

## ୨ ଟ୍ରକ, ୫ ଟ୍ରାକ୍ଟର ଜବତ

**ଆସିକା,୧୧।୧୨(ଡି.ଏନ୍.ଏ.)**

ଆସିକା ତହସିଲର କାଳଷଣ୍ଡପୁର ଋଷିକୁଲ୍ୟା ନଦୀଘାଟ ଓ ଆସିକା–ବାଲିପଦର ରାସ୍ତାର ଚାରିମଇଲି ନିକଟରେ ବୁଧବାର ସକାଳେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ୨ ଟ୍ରକ ଓ ୫ ଟ୍ରାକ୍ଟର ଜବତ କରାଯାଇଛି । ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ଓ ଆସିକା ତହସିଲଦାର ଆଶୁତୋଷ ଗୌରବକର ଏହି ଗାଡିଗୁଡ଼ିକୁ ଜବତ କରିଥିଲେ। ଜବତ ଗାଡିକୁ ତହସିଲ ପରିସରରେ ରଖାଯାଇଛି । ବାଲି ବୋଝେଇ ଟ୍ରାକ୍ଟରକୁ ୨୦ ହଜାର ଟଙ୍କା ଲେଖାଏ ଓ ଟ୍ରକ୍‌କୁ ୪୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି ।

# ରେଡକ୍ରସ ପକ୍ଷରୁ ପୋଷ୍ୟ ଗ୍ରାମରେ ବିହନ ବିତରଣ

**ମାଲକାନଗିରି, ୧୧।୧୨(ସ୍ୱ.ପ୍ର.)–**

ମାଲକାନଗିରି ଜିଲା ଶାଖା ରେଡକ୍ରସ ପକ୍ଷରୁ ଜିଲାର ଭାଲ୍ଲାମପାଲି ଏବଂ ପାଙ୍ଗିପାଲିକୁ ପୋଷ୍ୟଗ୍ରାମ ରୂପେ ଗ୍ରହଣ କରାଯାଇଛି। ଜିଲା ରେଡକ୍ରସ ଅଧକ୍ଷ ତଥା ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଏହି ଦୁଇ ପୋଷ୍ୟ ଗ୍ରାମର ଗ୍ରାମବାସୀଙ୍କ ଜୀବିକାର୍ଜନରେ ଉନ୍ନତି ଆଣିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କ୍ରମରେ ପୂର୍ବରୁ ଗ୍ରାମର ଚାଷୀମାନଙ୍କୁ ଧାନ ବିହନ ବିତରଣ କରାଯାଇଥିଲା। ରବି ଋତୁରେ ବୁଣିବା ପାଇଁ ଭାଲ୍ଲାମପାଲିଠାରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କୃଷି ଅଧିକାରୀ ରଶ୍ମିରଞ୍ଜନ ମହାରଣା ଚାଷୀମାନଙ୍କୁ ଚିନାବାଦାମ ବୁଣିବା ପୂର୍ବରୁ ଏବଂ ପରେ କିପରି ସତର୍କତା ଅବଲମ୍ବନ କରିବେ ସେନେଇ ଅବଗତ କରାଇଥିଲେ। ସଭାରେ ରେଡକ୍ରସର ରାଜ୍ୟ ଶାଖା କ୍ଷେତ୍ର ଅଧିକାରୀ ଲୀଳାପୂର୍ଣ୍ୟତୀର୍ଥ ସ୍ୱାଇଁ, ପଡିଆ ଉଚ୍ଚ ମାଧମିକ ବିଦ୍ୟାଳୟର ଯୁବରେଡକ୍ରସ ପରାମର୍ଶଦାତା ଅମୂଲ୍ୟରତ୍ନ ଯୋଗଦେଇ ୭୦ ଜଣ ଚାଷୀଙ୍କୁ ବିହନ ବିତରଣ କରିଥିଲେ। ୭୦ଜଣ ଚାଷୀଙ୍କୁ ୨୦ କିଲୋ ଲେଖାଏ ଚିନାବାଦାମ ବିହନ ବଣ୍ଟନ କରିଥିଲେ। ପରେ ମାଙ୍ଗିଆପଲି ପୋଷ୍ୟ ଗ୍ରାମରେ ଆୟୋଜିତ ସଭାରେ ଉପରୋକ୍ତ ଅଧିକାରୀଙ୍କ ସମେତ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ସରପଞ୍ଚ ଦେବା ମାଡକାମୀ, ଯୁବରେଡକ୍ରସ ମାଲକାନଗିରି ଜିଲାର ଅଧିକାରୀ ଡ. ରଞ୍ଜନ କୁମାର ସ୍ୱାଇଁ ଏବଂ ଡି. ଆଶିଷ ରାଠୋର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ରଶ୍ମିରଞ୍ଜନ ମହାରଣା ଚିନାବାଦାମ ଚାଷ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସଭାରେ ଗ୍ରାମର ୮୦ଜଣଙ୍କୁ ଜଣଙ୍କୁ ଚିନାବାଦାମ ବିହନ ବିତରଣ କରାଯାଇଥିଲା ।

# ବାଉଁଶ ପାତିଆ ଦେଇଛି ରୋଜଗାର

**ଚିତ୍ରକୋଣ୍ଡା,୧୧।୧୨(ଡି.ଏନ.ଏ.)–**

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଗୁଣ୍ଡାୱାଡା ପଞ୍ଚାୟତ ଆରଏସସି–୧୫ ନଂ. ଗ୍ରାମରେ ବସବାସ କରୁଥିବା ୭୦ ଆଦିବାସୀ ସମ୍ପ୍ରଦାୟ ମଧ୍ୟରୁ ୧୦ ପରିବାର ଦୀର୍ଘ ବର୍ଷ ହେଲା ବାଉଁଶ ପାତିଆରେ ବିଭିନ୍ନ ସାମଗ୍ରୀ ତିଆରି କରି ଜୀବିକା ନିର୍ବାହ କରୁଛନ୍ତି। କୁଲା, ବଡଡାଲା, ଅମାର, ଟୋପି, ଝୁଡ଼ି, ଚାଙ୍ଗୁଡ଼ି ଓ ଧାନ ରଖିବାକୁ ବଡ ବଡ ଡୋଲି ତିଆରି କରିବା ସେମାନଙ୍କ ରୋଜଗାରର ପନ୍ଥା ପାଲଟିଛି। ଆରଏସସି –୧୫ ନିକଟରେ ମଙ୍ଗଳବାର କୁରୁଣିପଦର ସାପ୍ତାହିକ ହାଟ ବସେ। ଏହି ହାଟଠାରୁ ଶହେ ମିଟର ଦୂରରେ ଆରଏମ୍‌ସି–୧୫ ଗ୍ରାମ। ଫଳରେ ଯେଉଁ ଲୋକମାନଙ୍କ ବାଉଁଶ ପାତିଆରେ ତିଆରି ସାମଗ୍ରୀ ଆବଶ୍ୟକ, ସେମାନେ ଗ୍ରାମକୁ ଯାଇ କାରିଗରମାନଙ୍କଠାରୁ କିଣିଆଣିଥାନ୍ତି। ବାଉଁଶରେ ପ୍ରସ୍ତୁତ ସାମଗ୍ରୀ ପାଇଁ କଞ୍ଚାମାଲ୍ ବାଉଁଶ ସେମାନେ ଜଙ୍ଗଲରୁ ଆଣିଥାନ୍ତି। ଏହାକୁ ସାଇଜ୍ କରି କାଟି ଛୋଟ ଛୋଟ ବାଉଁଶ ଖଣ୍ଡକୁ ଫାଳ କରି ସେଥିରୁ ବିଭିନ୍ନ ପ୍ରକାରର ପାତି କାଢିଥାନ୍ତି। ଏହି ପାତି ସବୁ କୁଲା, ଡାଲା, ଅମାର, ଟୋପି, ଝୁଡ଼ି, ଚାଙ୍ଗୁଡ଼ି ତିଆରିରେ ବ୍ୟବହାର ହୋଇଥାଏ। ଏହି କାର୍ଯ୍ୟରେ ବହୁତ ପରିଶ୍ରମ ପଡିଥାଏ। ତେବେ ପରିଶ୍ରମ ଅନୁସାରେ ସାମଗ୍ରୀର ଚାହିଦା ଥିଲେ ମଧ ଆଶନୁରୂପ ପାରିଶ୍ରମିକ ମିଳେନି। ଯଦି ଜିଲା ପ୍ରଶାସନ ପକ୍ଷରୁ କିଛି ସହଯୋଗ ମିଳନ୍ତା, ତେବେ ସେମାନେ ଉପଯୁକ୍ତ ମୂଲ୍ୟ ପାଇପାରନ୍ତେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।



ଜଣେ କାରିଗର ବାଉଁଶ ପାତିଆରେ ସାମଗ୍ରୀ ତିଆରି କରୁଛନ୍ତି ।

# ଭଉଣୀକୁ ଛାଡିବାକୁ ଯାଇ ଭାଇ ନିଖୋଜ

**କାଲିମେଲା, ୧୧।୧୨ (ଡି.ଏନ.ଏ.)**



ସତ୍ୟଜିତ ।

କାଲିମେଲା ବ୍ଲକ କାଲିମେଲା ପଞ୍ଚାୟତ ଏମପିଭି–୩୫ ଗ୍ରାମର ସୁନିଲ ବିଶ୍ୱାସଙ୍କ ପୁଅ ସତ୍ୟଜିତ ବିଶ୍ୱାସ(୨୬) ନିଜ ଭଉଣୀକୁ ଉତ୍ତର ପ୍ରଦେଶକୁ ଛାଡିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ସେ ଗତ ୮ରେ ଘରକୁ ଫେରୁଥିବା ବେଳେ ବାଟରୁ କୁଆଡେ ନିଖୋଜ ହୋଇଯାଇଥିବା ତାଙ୍କ ବାପା କାଲିମେଲା ଥାନାରେ ଅଭିଯୋଗ କରିଛନ୍ତି। ସତ୍ୟଜିତ ଟ୍ରେନ ଯୋଗେ ଆସିବା ପାଇଁ ଷ୍ଟେସନରେ ଅପେକ୍ଷା କରିଥିବା ବେଳେ ସେଠାରୁ ହିଁ ନିଖୋଜ ହୋଇଯାଇଥିଲେ । ବାପା ସୁନିଲ କହିଛନ୍ତି ଯେ, ତାଙ୍କ ଝିଅ ଜ୍ୟୋତି ଉତ୍ତର ପ୍ରଦେଶର ନିଙ୍ଗଡାମିଆ ଅଞ୍ଚଳରେ ବିବାହ କରିଛନ୍ତି। ଝିଅ ଗତ ମାସରେ ଗ୍ରାମକୁ ବୁଲିବାକୁ ଆସିଥିଲା। କିଛି ଦିନ ରହିବା ପରେ ଗତ ୫।୧୨।୧୯ରେ ସତ୍ୟଜିତ ଭଉଣୀକୁ ଛାଡିବା ପାଇଁ ଉତ୍ତର ପ୍ରଦେଶ ଯାଇ ସେଠାରୁ ଚାକିରି ଆଶାରେ ନିକଟସ୍ଥ ଆମ୍ବାଲୋ ସହରକୁ ଯାଇଥିଲେ। ସେଠାରେ ଏକ ମାସ କାମ କରି ଗତ ୮ରେ ଘରକୁ ଫେରିବା ପାଇଁ ଟ୍ରେନରେ ଆସି ୯ରେ ଗ୍ୱାଲିଅର ଉତ୍ତର ପ୍ରଦେଶରେ ସକାଳ ୭ଟାରେ ପହଞ୍ଚିଥିଲେ। ଏନେଇ ସେ ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ଏହା ପର ଠାରୁ ସତ୍ୟଜିତଙ୍କ ସହିତ ଆଉ କୌଣସି ସମ୍ପର୍କ ରଖି ହୋଇ ନାହିଁ। ତାଙ୍କ ମୋବାଇଲ ମଧ ବନ୍ଦ ରହିଛି। ଫଳରେ ପରିବାର ଲୋକେ ଚିନ୍ତାରେ ଅଛନ୍ତି । କାଲିମେଲା ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# 'ସହାୟତା ନ ମିଳିଲେ ଆନ୍ଧ୍ରରେ ମିଶିବୁ'

**ଚିତ୍ରକୋଣ୍ଡା,୧୧।୧୨(ଡି.ଏନ.ଏ.)–**

ଚିତ୍ରକୋଣ୍ଡା ଡ୍ୟାମ ପାଣି ପଶି ସେମାନଙ୍କ ଫସଲ ନଷ୍ଟ ହୋଇଯାଉଥିଲେ ମଧ ପ୍ରଶାସନ ସେମାନଙ୍କୁ କୌଣସି ସହାୟତା ଦେଉନାହିଁ ବୋଲି ବିଚ୍ଛିନ୍ନାଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ମଧ ଚାଷଜମିରେ ପାଣି ପଶି ବହୁ ଫସଲ ନଷ୍ଟ ହୋଇଛି। ଏପରି କ୍ଷେତ୍ରରେ ସ୍ଥାନୀୟ ପ୍ରଶାସନ ନୀରବ ରହିଥିବା ବେଳେ ଆନ୍ଧ୍ର ସରକାର ସେମାନଙ୍କୁ ସହାୟତା ଦେବାକୁ ସହଯୋଗର ହାତ ବଢାଇଛନ୍ତି। ବିଶାଖାପାଟଣା ଜିଲାର ୬ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ବିରି, ମାଣ୍ଡିଆ, କୋଳଥ, ମୁଗ, କାନ୍ଦୁଲ ଆଦି ଫସଲ ଆଣି ବିଚ୍ଛିନ୍ନାଞ୍ଚଳବାସୀଙ୍କୁ ଯୋଗାଇ ଦେଇଛନ୍ତି। ଏପରି ସ୍ଥଳେ ଆନ୍ଧ୍ରପ୍ରଦେଶ ସେମାନଙ୍କୁ ସବୁ ପ୍ରକାର ସହାୟତା ଯୋଗାଇ ଦେଉଥିବାରୁ ସେମାନେ ଆନ୍ଧ୍ରରେ ମିଶିବାକୁ ମନ ବଳାଇଛନ୍ତି। ଯଦି ଆଗାମୀ ଦିନରେ ମାଲକାନଗିରି ଜିଲା ପ୍ରଶାସନ ଏବଂ ସ୍ଥାନୀୟ ପ୍ରଶାସନ ସେମାନଙ୍କ ସମସ୍ୟା ସୁଧାରିବାରେ ଅଣଦେଖା କରନ୍ତି ତେବେ ସେମାନେ ଆନ୍ଧ୍ରରେ ମିଶିବେ ବୋଲି ବିଚ୍ଛିନ୍ନାଞ୍ଚଳବାସୀ ଚେତାବନୀ ଦେଇଛନ୍ତି।


**ପଞ୍ଚାୟତ ସମିତି କାର୍ଯ୍ୟାଳୟ , ନବରଙ୍ଗପୁର** **ପତ୍ରସଂଖ୍ୟା.5195/2019, ତା.02.12.19** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ କାର୍ଯ୍ୟସୂଚୀ ମୁତାବକ ୨୦୧୯–୨୦ ଆର୍ଥିକ ବର୍ଷର (ଏପ୍ରିଲ–୨୦୧୯ ସେପ୍ଟେମ୍ବର–୨୦୧୯) ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ନିର୍ବାହୀ ସଂସ୍ଥା ଯଥା–ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ ଏବଂ ଅନ୍ୟାନ୍ୟ କାର୍ଯ୍ୟ ନିର୍ବାହୀ ସଂସ୍ଥା ଦ୍ୱାରା ସମ୍ପାଦିତ ହୋଇଥିବା ମନରେଗା (ଏମ.ଜି.ଏନ.ଆର.ଇ.ଜି.ଏ) ପ୍ରକଳ୍ପ ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଗୁଡିକର ନିର୍ଦ୍ଦେଶ ମୁତାବକ କ୍ଷେତ୍ର ତଦନ୍ତ ପୂର୍ବକ ଗ୍ରାମପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟଠାରେ ସାମାଜିକ ସମୀକ୍ଷା ଜନିତ ଗ୍ରାମସଭା ପୂର୍ବାହ୍ନ ୧୦.୦୦ଘଟିକା ସମୟରେ ଅନୁଷ୍ଠିତ ହେବ। କ୍ଷେତ୍ର ତଦନ୍ତ ସହଯୋଗ ପୂର୍ବକ ଗ୍ରାମସଭାରେ ବହୁଳ ସଂଖ୍ୟାରେ ଯୋଗଦେବା ନିମନ୍ତେ ସମସ୍ତ ଲୋକପ୍ରତିନିଧି, ପଞ୍ଚାୟତରାଜ ପ୍ରତିନିଧି ଏବଂ ଜନସାଧାରଣଙ୍କୁ ଅନୁରୋଧ।

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମପଞ୍ଚାୟତ ନାମ | ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଆରମ୍ଭ | ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଶେଷ | ଏମ.ଜି.ଏନ.ଆର.ଇ.ଜି.ଏ ଆରମ୍ଭ | ଏମ.ଜି.ଏନ.ଆର.ଇ.ଜି.ଏ ଶେଷ | ଗ୍ରାମସଭା | ବ୍ଲକ ସ୍ତରୀୟ ଜନ ଶୁଣାଣି | ଗ୍ରାମସଭା ପରିଚାଳନା କରିବା ପାଇଁ ନୋଡାଲ ଅଫିସର |
|---|---|---|---|---|---|---|---|---|
| ପ୍ରଥମ | ବାଘସିଉନି | ୧୬।୧୨।୨୦୧୯ | ୧୯।୧୨।୨୦୧୯ | ୨୦।୧୨।୨୦୧୯ | ୨୮।୧୨।୨୦୧୯ | ୨୮।୧୨।୨୦୧୯ | ୦୩।୦୩।୨୦୨୦ | ଶ୍ରୀ ଦେବେନ୍ଦ୍ର ପଟ୍ଟନାୟକ (MI) |
| | ବଡକୁମୁଲି | ୧୬।୧୨।୨୦୧୯ | ୧୯।୧୨।୨୦୧୯ | ୨୦।୧୨।୨୦୧୯ | ୨୮।୧୨।୨୦୧୯ | ୨୮।୧୨।୨୦୧୯ | | ଶ୍ରୀ ଲଳିତ ମଣ୍ଡଳ (BDO) |
| | ଅଗ୍ନିପୁର | ୧୬।୧୨।୨୦୧୯ | ୧୯।୧୨।୨୦୧୯ | ୨୦।୧୨।୨୦୧୯ | ୨୮।୧୨।୨୦୧୯ | ୨୮।୧୨।୨୦୧୯ | | ଶ୍ରୀ ବର୍ଣ୍ଣବାସ ନାୟକ (APO) |
| | ଭଦ୍ରାସିଉନୀ | ୧୬।୧୨।୨୦୧୯ | ୧୯।୧୨।୨୦୧୯ | ୨୦।୧୨।୨୦୧୯ | ୨୮।୧୨।୨୦୧୯ | ୨୮।୧୨।୨୦୧୯ | | ଶ୍ରୀ ରବିଚନ୍ଦ୍ର କହଁର (ABDO) |
| ଦ୍ୱିତୀୟ | ପୂଜାରୀଗୁଡା | ୦୬।୦୧।୨୦୨୦ | ୦୯।୦୧।୨୦୨୦ | ୧୦।୦୧।୨୦୨୦ | ୧୮।୦୧।୨୦୨୦ | ୧୮।୦୧।୨୦୨୦ | | ଶ୍ରୀ ଲଳିତ ମଣ୍ଡଳ (BDO) |
| | ଚଟହାଣ୍ଡି | ୦୬।୦୧।୨୦୨୦ | ୦୯।୦୧।୨୦୨୦ | ୧୦।୦୧।୨୦୨୦ | ୧୮।୦୧।୨୦୨୦ | ୧୮।୦୧।୨୦୨୦ | | ଶ୍ରୀ ରବିଚନ୍ଦ୍ର କହଁର (ABDO) |
| | ବାସିନୀ | ୦୬।୦୧।୨୦୨୦ | ୦୯।୦୧।୨୦୨୦ | ୧୦।୦୧।୨୦୨୦ | ୧୮।୦୧।୨୦୨୦ | ୧୮।୦୧।୨୦୨୦ | | ଶ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ (AEE) |
| | ସିନ୍ଧିଗାଁ | ୦୬।୦୧।୨୦୨୦ | ୦୯।୦୧।୨୦୨୦ | ୧୦।୦୧।୨୦୨୦ | ୧୮।୦୧।୨୦୨୦ | ୧୮।୦୧।୨୦୨୦ | | ଶ୍ରୀ ଲମ୍ବୋଧର ପ୍ରହରାଜ (GPEO) |
| | ବିକ୍ରମପୁର | ୦୬।୦୧।୨୦୨୦ | ୦୯।୦୧।୨୦୨୦ | ୧୦।୦୧।୨୦୨୦ | ୧୮।୦୧।୨୦୨୦ | ୧୮।୦୧।୨୦୨୦ | | ଶ୍ରୀ କମଳା କାନ୍ତ ସ୍ୱାଇଁ (WEO) |
| ତୃତୀୟ | ସାନ ମସିଗାଁ | ୨୭।୦୧।୨୦୨୦ | ୩୧।୦୧।୨୦୨୦ | ୦୧।୦୨।୨୦୨୦ | ୧୦।୦୨।୨୦୨୦ | ୧୦।୦୨।୨୦୨୦ | | ଶ୍ରୀ ରବିଚନ୍ଦ୍ର କହଁର (ABDO) |
| | ବଡ ମସିଗାଁ | ୨୭।୦୧।୨୦୨୦ | ୩୧।୦୧।୨୦୨୦ | ୦୧।୦୨।୨୦୨୦ | ୧୦।୦୨।୨୦୨୦ | ୧୦।୦୨।୨୦୨୦ | | ଶ୍ରୀ ଦେବେନ୍ଦ୍ର ପଟ୍ଟନାୟକ (MI) |
| | ତାରାଗାଁ | ୨୭।୦୧।୨୦୨୦ | ୩୧।୦୧।୨୦୨୦ | ୦୧।୦୨।୨୦୨୦ | ୧୦।୦୨।୨୦୨୦ | ୧୦।୦୨।୨୦୨୦ | | ଶ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ (AEE) |
| | ସିନ୍ଧିଗାଁ | ୨୭।୦୧।୨୦୨୦ | ୩୧।୦୧।୨୦୨୦ | ୦୧।୦୨।୨୦୨୦ | ୧୦।୦୨।୨୦୨୦ | ୧୦।୦୨।୨୦୨୦ | | ଶ୍ରୀ ବର୍ଣ୍ଣବାସ ନାୟକ (APO) |

ଏଣୁ ସର୍ବସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାମାଜିକ ସମୀକ୍ଷା କମିଟି ଓ ସମସ୍ତ କାର୍ଯ୍ୟପତ୍ର ଧାରୀ, ଅଣକୁଶଳୀ ଶ୍ରମିକ, ଗ୍ରାମ ସଂଯୋଜକ, ପ୍ରଧାନମନ୍ତ୍ରୀ ଆବାସ/ବିଜୁ ପକ୍କାଘର ହିତାଧିକାରୀ ଓ ଆଗ୍ରହୀ ଜନସାଧାରଣଙ୍କୁ ନିର୍ଦ୍ଧାରୀତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପ ସମ୍ପାଦନ ଏବଂ ମଷ୍ଟେରରୋଲ ତନଖି ସତ୍ୟାସତ୍ୟ ପ୍ରତିପାଦନ ପୂର୍ବକ ନିଜର ମତାମତ ପ୍ରଦାନ କରିବାକୁ ଅନୁରୋଧ କରାଯାଉଛି। ଏହି ଯୋଜନା ସଫଳ ରୂପାୟନ ନିମନ୍ତେ ଜନସାଧାରଣଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ।

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନବରଙ୍ଗପୁର**

FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. NO. 529 OF 2019**

**Chief Manager, Corporation Bank,**
**Bhubaneswar Main Branch** ...Applicant
Versus
**M/s. Ratan Filling Station** ...Defendant[s]
To
**D-3) Mrs. Manoranjan Devi,** W/o- Sri Nalini Kishore Panda, At Plot No.: 2169 (P), Kedar Gouri Road, Bhubaneswar-751002

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 529 of 2019** in the Court of the Debts of Recovery Tribunal, Cuttack for recovery of **Rs.5,72,14,696.09** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **31.01.2020 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **10th day of Dec. 2019.**

Sd/- (Manoj Kumar Patnaik)
REGISTRAR

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପଡିଆ**

**ବିଜ୍ଞପ୍ତି ସଂଖ୍ୟା: ୨୧୩୯** **ସାମାଜିକ ସମୀକ୍ଷା** **ତାରିଖ: ୧୦।୧୨।୨୦୧୯**

ଏତଦ୍ୱାରା ପଡିଆ ପଞ୍ଚାୟତ ସମିତି ଅନ୍ତର୍ଗତ ୮ ଗୋଟି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୧୯–୨୦ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ଶତପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟରରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବ୍‌କାର୍ଡ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲର ସଠିକତା ଯାଞ୍ଚ କରିବେ, ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ବୃନ୍ଦ ଡେଙ୍ଗୁରା, ଡାକବାଜି ଯନ୍ତ୍ର ଏବଂ ନୋଟିସ ମାଧମରେ ଉପରୋକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା।

| Sl. No. | Name of the Block | Name of the G.P. | Social Audit Starting Date | Social Audit Ending Date | Jansunwai/ Social Audit & GP | Date of Public hearing |
|---|---|---|---|---|---|---|
| 1 | PODIA | Bapanpalli | 16.12.2019 | 27.12.2019 | 27.12.2019 | 24.02.2020 |
| 2 | | Undrukonda | 16.12.2019 | 27.12.2019 | 27.12.2019 | |
| 3 | | Girkanpalli | 16.12.2019 | 27.12.2019 | 27.12.2019 | |
| 4 | | Materu | 02.01.2020 | 13.01.2020 | 13.01.2020 | |
| 5 | | Niliguda | 02.01.2020 | 13.01.2020 | 13.01.2020 | |
| 6 | | Podia | 02.01.2020 | 13.01.2020 | 13.01.2020 | |
| 7 | | Kaldapally | 18.01.2020 | 31.01.2020 | 31.01.2020 | |
| 8 | | Similibancha | 18.01.2020 | 31.01.2020 | 31.01.2020 | |

| କ୍ର. ନଂ. | ତାରିଖ | ସମୟ | ଗ୍ରା.ପ.ର ନାମ | ଗ୍ରାମସଭାର ସ୍ଥାନ | ପଦାଧିକାରୀଙ୍କ ନାମ ଓ ପଦବୀ |
|---|---|---|---|---|---|
| ୧ | ୨୭।୧୨।୨୦୧୯ | ୧୦ ଘଟିକା | ବାପନପାଲ୍ଲୀ | ଗ୍ରା.ପ. କାର୍ଯ୍ୟାଳୟ, କାଲଦାପାଲ୍ଲୀ | BSSO, GPTA, PEO, GRS |
| ୨ | ୨୭।୧୨।୨୦୧୯ | ୧୦ ଘଟିକା | ଉଣ୍ଡ୍ରୁକୋଣ୍ଡା | ଗ୍ରା.ପ. କାର୍ଯ୍ୟାଳୟ, ବାପନପାଲ୍ଲୀ | APO, PEO, GRS |
| ୩ | ୨୭।୧୨।୨୦୧୯ | ୧୦ ଘଟିକା | ଗିରିକାନପାଲ୍ଲୀ | ଗ୍ରା.ପ. କାର୍ଯ୍ୟାଳୟ, ଉଣ୍ଡ୍ରୁକୋଣ୍ଡା | AEE, PEO, GRS |
| ୪ | ୧୩।୦୧।୨୦୨୦ | ୧୦ ଘଟିକା | ମାଟେରୁ | ଗ୍ରା.ପ. କାର୍ଯ୍ୟାଳୟ, ଗିରିକାନପାଲ୍ଲୀ | APO, JE, PEO, GRS |
| ୫ | ୧୩।୦୧।୨୦୨୦ | ୧୦ ଘଟିକା | ନିଲିଗୁଡ଼ା | ଗ୍ରା.ପ. କାର୍ଯ୍ୟାଳୟ, ମାଟେରୁ | GPEO, PEO, GRS, BPM |
| ୬ | ୧୩।୦୧।୨୦୨୦ | ୧୦ ଘଟିକା | ପଡ଼ିଆ | ଗ୍ରା.ପ. କାର୍ଯ୍ୟାଳୟ, ନିଲିଗୁଡ଼ା | AEE, GPTA, PEO, GRS |
| ୭ | ୩୧।୦୧।୨୦୨୦ | ୧୦ ଘଟିକା | କାଲଦାପାଲ୍ଲୀ | ଗ୍ରା.ପ. କାର୍ଯ୍ୟାଳୟ, ପଡିଆ | BSSO, BPM, PEO, GRS |
| ୮ | ୩୧।୦୧।୨୦୨୦ | ୧୦ ଘଟିକା | ସିମିଳିବାଞ୍ଚା | ଗ୍ରା.ପ. କାର୍ଯ୍ୟାଳୟ,ସିମିଳିବାଞ୍ଚା | WEO, GPTA, PEO, GRS |

**ଯାଞ୍ଚ ହେବାକୁ ଥିବା ତଥ୍ୟ:-**
(୧) ବ୍ୟବହୃତ ମଷ୍ଟର ରୋଲର କ୍ରମିକସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ? (୨) ମଷ୍ଟର ରୋଲରେ ଶ୍ରମିକମାନଙ୍କର କାର୍ଯ୍ୟପତ୍ରର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ ? (୩) ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ହୋଇଛି କି ନାହିଁ ? (୪)ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟପତ୍ରର ବିବରଣୀ ସହ ସମାନ ଅଛି କି ନାହିଁ ? (୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳ ଖାଉଛି କି ନାହିଁ ? (୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟ ପରିମାଣ ଠିକ୍ ଅଛି କି ନାହିଁ ?

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଡ଼ିଆ**

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋରୁକୋଣ୍ଡା**

**ସାମାଜିକ ସମୀକ୍ଷା**

**ବିଜ୍ଞପ୍ତି ସଂଖ୍ୟା: ୨୫୧୪** **ତାରିଖ: ୧୧।୧୨।୨୦୧୯**

ଏତଦ୍ୱାରା କୋରୁକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୨ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୧୯–୨୦ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ଶତପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ। (MGNREGA and NSAP) ଉକ୍ତ ସଭାରେ ଜନସାଧାରଣ, ନିର୍ବାଚନ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବ୍‌କାର୍ଡ଼ଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀ ନିଜନିଜର ଜବ୍‌କାର୍ଡ଼ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲର ସଠିକତା ଯାଞ୍ଚ କରିବେ, ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ବୃନ୍ଦ ଡେଙ୍ଗୁରା, ଡାକବାଜି ଯନ୍ତ୍ର ଏବଂ ନୋଟିସ୍ ମାଧମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା।

| Sl. No. | Name of the Block | Name of the GP | Social Audit Starting Date | Social Audit Ending Date | Jansunwai/ Social Audit & GP | Date of Public Hearing |
|---|---|---|---|---|---|---|
| 1 | KORUKONDA | Chitapari - 3 | 16.12.2019 | 27.12.2019 | 27.12.2019 | 25.02.2020 |
| 2 | | Tarlakota | 16.12.2019 | 27.12.2019 | 27.12.2019 | |
| 3 | | Somanathapur | 16.12.2019 | 27.12.2019 | 27.12.2019 | |
| 4 | | Nakamaudhi | 16.12.2019 | 27.12.2019 | 27.12.2019 | |
| 5 | | Dudameta | 02.01.2020 | 13.01.2020 | 13.01.2020 | |
| 6 | | Mariwada | 02.01.2020 | 13.01.2020 | 13.01.2020 | |
| 7 | | Tumsapally | 02.01.2020 | 13.01.2020 | 13.01.2020 | |
| 8 | | Korukonda | 02.01.2020 | 13.01.2020 | 13.01.2020 | |
| 9 | | Potrel | 18.01.2020 | 31.01.2020 | 31.01.2020 | |
| 10 | | Kamwada | 18.01.2020 | 31.01.2020 | 31.01.2020 | |
| 11 | | Old-Chimtaplly | 18.01.2020 | 31.01.2020 | 31.01.2020 | |
| 12 | | Nilakameru | 18.01.2020 | 31.01.2020 | 31.01.2020 | |

**ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋରୁକୋଣ୍ଡା**

ଧରିତ୍ରୀ
DHARITRI
ରାୟଗଡ଼ା, ଗୁରୁବାର, ୧୨ ଡିସେମ୍ବର, ୨୦୧୯



# ଗୁପ୍ତେଶ୍ୱର ରାସ୍ତାର ହେବ ନବକଳେବର

ଜୟପୁର,୧୧।୧୨(ନି.ପ୍ର.)

କୋରାପୁଟ ଜିଲାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱରକୁ ଯାଇଥିବା ରାସ୍ତାର ହେବ ନବକଳେବର। ପୂର୍ବରୁ ଏଠାକୁ ଥିବା ବିପର୍ଯ୍ୟସ୍ତ ରାସ୍ତା ବିରୋଧରେ ବାରମ୍ବାର ହଜାର ହଜାର ଭକ୍ତଙ୍କ ଦାବିକୁ ଶେଷରେ ଗୁରୁତ୍ୱ ଦେଇଛି ପ୍ରଶାସନ। ବୈପାରିଗୁଡ଼ାରୁ ଗୁପ୍ତେଶ୍ୱର ଯାଏ ରାସ୍ତାର ପୁନଃନିର୍ମାଣ କରାଯିବ।

ବୈପାରିଗୁଡ଼ା–ଗୁପ୍ତେଶ୍ୱର ୩୪ କିମି ରାସ୍ତା କାମ ପାଇଁ ୩୦ କୋଟି ଟଙ୍କାର ଆକଳନ କରାଯାଇ ଟେଣ୍ଡର ହୋଇଛି। ଏହି ରାସ୍ତା ଡବଲ ସାଇଡ୍ ହେବ। ଏହା ସହ ବୈପାରିଗୁଡ଼ା– କୁନ୍ଦୁରା ୧୪ କିମି ରାସ୍ତା ମଧ୍ୟ ନିର୍ମାଣ କରାଯିବ। ଏଥିପାଇଁ ୨୨ କୋଟି ଟଙ୍କାର ବ୍ୟୟ ଅଟକଳ ସହ ଟେଣ୍ଡର କରାଯାଇଛି । ଏହା ସହ ବୈପାରିଗୁଡ଼ା–କୁନ୍ଦୁରା ଅନ୍ୟ ଏକ ରାସ୍ତାର ୨୭ କିମି ଦୂରତା ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି । ଏସବୁକୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ତିଆରି କରିବ। ଏହି ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ବାରମ୍ବାର ଦାବି ହୋଇ ଆସୁଥିଲା। ତେଣୁ ତୁରନ୍ତ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାମନ୍ତରାୟ ପ୍ରକାଶ କରିଛନ୍ତି। ପ୍ରଭୁ ଗୁପ୍ତେଶ୍ୱରଙ୍କୁ ଦର୍ଶନ କରିବା ପାଇଁ ପ୍ରତ୍ୟହ ଶତାଧିକ ଭକ୍ତ ଓ ପର୍ଯ୍ୟଟକ ଆସୁଥିବା ବେଳେ ରାସ୍ତା ଖରାପ ଯୋଗୁ ସେମାନେ ହଇରାଣ ହେଉଥିଲେ। ଗୁପ୍ତେଶ୍ୱର ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ସତ୍ତ୍ୱେ ଏହାର ମୌଳିକ ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇ ରହିଥିଲା। ଏବେ ରାସ୍ତା ନିର୍ମାଣ ସହ ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା ହୋଇପାରିଲେ ପର୍ଯ୍ୟଟକଙ୍କୁ ଏହା ଅଧିକ ଆକର୍ଷିତ କରିବ ବୋଲି ମତ ପ୍ରକାଶ ପାଇଛି।

**ନିର୍ମାଣ କାର୍ଯ୍ୟ ପାଇଁ ବ୍ୟୟବରାଦ**

- ବୈପାରିଗୁଡ଼ା-ଗୁପ୍ତେଶ୍ୱର ୩୪ କିମି ରାସ୍ତା ପାଇଁ ୩୦ କୋଟି
- ବୈପାରିଗୁଡ଼ା-କୁନ୍ଦୁରା ୧୪ କିମି ରାସ୍ତା ପାଇଁ ୨୨ କୋଟି



ଗୁପ୍ତେଶ୍ୱର ପୀଠ।

## ସଂକ୍ଷେପରେ



### ସ୍କୁଟିକୁ ବଞ୍ଚାଇବାକୁ ଯାଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ଜୟପୁର,୧୧।୧୨(ଡି.ଏନ୍.ଏ.):** କୋରାପୁଟ ଜିଲା ଜୟପୁର ସହରର ୨୬ ନମ୍ବର ଜାତୀୟ ରାଜପଥ ହାଟପଦା ନିକଟରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। କିନ୍ତୁ ଟ୍ରକ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଜଣେ ସ୍କୁଟି ଚାଳକ ଏବଂ ଅନ୍ୟ ଜଣେ ମହିଳାଙ୍କ ଜୀବନ ବଞ୍ଚିଯାଇଛି ବୋଲି ଦେଖଣାହାରୀ କହିଛନ୍ତି। ଅପରାହ୍ନ ସାଢ଼େ ୪ଟାରେ କୋରାପୁଟରୁ ଜୟପୁର ପଟେ ଆସୁଥିବା ଏକ ସାମଗ୍ରୀ ବୋଝେଇ ଟ୍ରକ (ସିଜି ୦୪ ଏଲଜେଡ ୪୨୭୪) ଆଗକୁ ହଠାତ୍ ଏକ ସ୍କୁଟି ଚାଲି ଆସିଥିଲା । ଏଥିରେ ଟ୍ରକ ଡ୍ରାଇଭର ବିଚଳିତ ନ ହୋଇ ଗାଡ଼ିକୁ ଡ୍ରେନ୍ ପାର୍ଶ୍ୱକୁ ଗଡ଼ାଇ ଦେଇଥିଲେ। ଫଳରେ ଟ୍ରକ୍‌ର ଚକ ଡ୍ରେନ୍‌କୁ ଖସି ବେଗ କମିଯିବା ସହ ଏହା ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା । ଏହି ସମୟରେ ଅନ୍ୟ ଜଣେ ମହିଳା ମଧ୍ୟ ଟ୍ରକ୍ ସାମ୍ନାକୁ ଚାଲି ଆସିଥିଲେ। କିନ୍ତୁ କାହାର କିଛି କ୍ଷତି ହୋଇ ନ ଥିଲା। ଟ୍ରକ୍ ଧକ୍କାରେ ବିଦ୍ୟୁତ ଖୁଣ୍ଟର ତାର ଛିଡ଼ିଯାଇ ଏହା ସଂସ୍ପର୍ଶରେ କେହି ଆସିଯିବା ଆଶଙ୍କା ରହିଥିଲା। କିନ୍ତୁ ସ୍ଥାନୀୟ ଲୋକେ ତୁରନ୍ତ ବିଦ୍ୟୁତ ବିଭାଗକୁ ଫୋନ୍ କରି ଜଣାଇବା ପରେ ସେବା ବିଚ୍ଛିନ୍ନ କରାଯାଇଥିଲା।

### ୨୦ରେ ସିଟି ଟ୍ୟାଲେଣ୍ଟ ଆୱାର୍ଡ଼

**ସୁନାବେଡ଼ା,୧୧।୧୨(ଡି.ଏନ୍.ଏ.):** ସଞ୍ଜୀବନୀ ଏଜୁକେଶନ ନିଜର ଦ୍ୱାଦଶତମ ବର୍ଷପୂର୍ତ୍ତି ଉପଲକ୍ଷେ ନୂତନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ସିଟି ଟ୍ୟାଲେଣ୍ଟ ଆୱାର୍ଡ଼ ସମାରୋହ ଆୟୋଜନ କରିବ। ଏଥିରେ ନୃତ୍ୟ, କରାଟେ, ସଙ୍ଗୀତ, କ୍ରୀଡ଼ା, କଳା, ଉପସ୍ଥାପନା, ଗାୟକ, ନାଟକ ଭଳି ୨୦ଟି ବିଭାଗରେ ୨୦ ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯିବ। ଆଗାମୀ ୨୦ରେ ସେମିଳିଗୁଡ଼ାସ୍ଥିତ ଲେମନ କ୍ୟାଷ୍ଟଲ ହୋଟେଲରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଅଧ୍ୟକ୍ଷ ସଞ୍ଜୀବ ମହାନ୍ତି, ରାକେଶ ସାମନ୍ତରାୟ, ଦୀପକ ରାଉତ, ଏମ୍.ଜି. ରାଜୁ, ସରୋଜ ପଟ୍ଟନାୟକ, ହିମାଂଶୁ ପ୍ରଧାନ ଓ ପରିଚାଳନା ଦାୟିତ୍ୱରେ ଥିବା କର୍ମକର୍ତ୍ତା ପ୍ରସ୍ତୁତିରେ ଲାଗିଛନ୍ତି।

### ବିଶ୍ୱ ମାନବାଧିକାର ଦିବସ ପାଳିତ

**ଜୟପୁର,୧୧।୧୨(ଡି.ଏନ୍.ଏ.):** ଆଇନସେବା ପ୍ରାଧିକରଣ ପକ୍ଷରୁ ଗତ ମଙ୍ଗଳବାର ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଛି। ଜୟପୁରସ୍ଥିତ ଜିଲା କୋର୍ଟର ଏଡିଆର ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରାଛାତ୍ର ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲାଜଜ୍ ବିମଳ ଚାନ୍ଦ କହିଥିଲେ, ମାନବାଧିକାର ନେଇ ସାରା ବିଶ୍ୱ ସଚେତନ ଥିବାବେଳେ ମିଳିତ ଜାତିସଂଘ ମଧ୍ୟ ସତର୍କ ଦୃଷ୍ଟି ରଖିଛି। ଦେଶ ଓ ରାଜ୍ୟରେ କମିଶନ ଗଠନ କରାଯାଇ ମାନବାଧିକାର ଉଲ୍ଲଂଘନକାରୀଙ୍କ ବିରୋଧରେ ତଦନ୍ତ କରାଯାଇ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଏଡିଜେ ରାଜକିଶୋର ଲେଙ୍କା, ସିଜେଏମ୍ ପ୍ରଣତି ପଟ୍ଟନାୟକ, ସଂପାଦିକା ଲଳିତା ମଞ୍ଜରୀ ପଟ୍ଟନାୟକ, ରେଜିଷ୍ଟ୍ରାର ହିମାଂଶୁ ଶେଖର ବିଶ୍ୱାଳ, ସିଭିଲ ଜଜ୍ ଲୋପାମୁଦ୍ରା ପଣ୍ଡା, ଜେଏମ୍ଏଫ୍‌ସି ସୁରକ୍ଷିତ ମିଶ୍ର, ଅଧ୍ୟାପକ ବିବେକାନନ୍ଦ ସୁନା, ମନୋରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ।

### ଆଧାର ଫଟୋଉଠା

**ଦଶମନ୍ତପୁର,୧୧।୧୨(ଡି.ଏନ୍.ଏ.):** ଦଶମନ୍ତପୁରସ୍ଥିତ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟରେ ପ୍ରଥମ କରି ବୁଧବାର ପିଲାଙ୍କ ପାଇଁ ଆଧାର କାର୍ଡ଼ ଫଟୋଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ସିଧାସଳଖ ଜିଲାପାଳ ଓ ଅନୁସୂଚିତ ଜନଜାତି ଓ ଜାତି ବିକାଶ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରିନାଥ ପାଡିକା, ଓଡ଼ିଆ ଅଧ୍ୟାପକ ସୁକାନ୍ତ ବାଣୁଆ, ଇଂରାଜୀ ଅଧ୍ୟାପକ ସରୋଜ କୁମାର ତୁଳ ଓ ଅନ୍ୟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ୩ ଦିନ ଚାଲିବାକୁ ଥିବାବେଳେ ବୁଧବାର ୩୦ ଜଣଙ୍କର ଆଧାର ଫଟୋ ଉଠାଯାଇଛି।



ମାଣ୍ଡିଆଗଦା ପୋଡ଼ି ପାଉଁଶ ହୋଇଛି।

# ମାଣ୍ଡିଆଗଦା ପୋଡ଼ି ପାଉଁଶ

ଲମତାପୁଟ,୧୧।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ଲମତାପୁଟ ବ୍ଲକ ଡାବୁଗୁଡ଼ା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ୪ ଜଣ ଚାଷୀଙ୍କ ବର୍ଷ ସାରାର ପରିଶ୍ରମ ପୋଡ଼ି ପାଉଁଶ ହୋଇଛି। ଡାବୁଗୁଡ଼ା ଗ୍ରାମର ଡମ୍ବରୁ ମଲ୍ଲିକ, ଆଜୁ ମଲ୍ଲିକ, ଗୁରୁ କନ୍ତଲେଇ ଓ ଡମ୍ବରୁ କନ୍ତଲେଇ ନିଜ ଜମିରେ ମାଣ୍ଡିଆ ଚାଷ କରିଥିଲେ ଓ ଅମଳ କରି ଖଳାରେ ନେଇ ଗଦା କରିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏହି ମାଣ୍ଡିଆ ଗଦାରେ ନିଆଁ ଲଗାଇ ଦେଇଥିଲେ। ଲୋକେ ଖବର ଦେବା ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଏଥିରେ ପ୍ରାୟ ୨ ଲକ୍ଷ ଟଙ୍କାର ମାଣ୍ଡିଆ ନଷ୍ଟ ହୋଇଛି। ଏବେ ବର୍ଷତମାମ ପରିବାର ଚଳିବା କଷ୍ଟକର ହୋଇଯିବ ବୋଲି ୪ଟି କ୍ଷତିଗ୍ରସ୍ତ ପରିବାର ମୁଣ୍ଡରେ ହାତ ଦେଇ ବସିଛନ୍ତି। ପ୍ରଶାସନ କ୍ଷତିପୂରଣ ଦେବା ପାଇଁ ସେମାନେ ନିବେଦନ କରିଛନ୍ତି।

# ଠିକାସଂସ୍ଥା କରିଛି ଏଭଳି ରାସ୍ତା

- ନିମ୍ନମାନର ନିର୍ମାଣ କାମ ନେଇ ଅସନ୍ତୋଷ
- କାର୍ଯ୍ୟାନୁଷ୍ଠାନ ଦାବି କଲେ ସ୍ଥାନୀୟ ଲୋକେ



ସେମିଳିଗୁଡ଼ା,୧୧।୧୨(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନାଲ୍‌କୋ ରୋଡ ମାନିଆ ଛକଠାରୁ ଦଣ୍ଡାସିଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୧୩ ଶହ ମିଟର ରାସ୍ତାକାମ ଅତି ନିକୃଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ପ୍ରତିବାଦ କଲେ ମଧ୍ୟ ଠିକାସଂସ୍ଥା ନିର୍ଭୟରେ ଏଭଳି ନିମ୍ନମାନର କାମ ଚାଲୁ ରଖିଛି। ବ୍ଲକ ଅଧ୍ୟକ୍ଷ ଦୀନେଶ ଖରା ଏହି ରାସ୍ତା କାମ ବିରୋଧରେ ଅଭିଯୋଗ ଆଣିଛନ୍ତି। ଠିକା କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ନଚେତ୍ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଉଲ୍ଲେଖଯୋଗ୍ୟ, ସେମିଳିଗୁଡ଼ା ବ୍ଲକର ଗ୍ରାମାଞ୍ଚଳରେ ୩୦ରୁ ଅଧିକ ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଇଥିବା ଅଭିଯୋଗ ହେଉଛି।

## ଶକ୍ତି ସଂରକ୍ଷଣ ପରୀକ୍ଷାରେ ହୃଦୟ ଚନ୍ଦନ ପ୍ରଥମ

ଦାମନଯୋଡ଼ି,୧୧।୧୨(ଡି.ଏନ୍.ଏ.)

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଗତ ୮ ତାରିଖ ଜିଲାସ୍ତରୀୟ ଲିଖିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କୋରାପୁଟ ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପୂର୍ବରୁ ବ୍ଲକସ୍ତରର ଶ୍ରେଷ୍ଠ ୩ ଜଣ ଲେଖାଏ ପ୍ରତିଯୋଗୀ ଭାଗ ନେଇଥିଲେ। ଜିଲାସ୍ତରରେ ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ହୃଦୟ ଚନ୍ଦନ ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଜିଲାସ୍ତରରେ ପ୍ରଥମ ହେବା ପରେ ତାଙ୍କୁ ୧୫୦୦ ଟଙ୍କାର ନଗଦ ଅର୍ଥରାଶି ସହ ପ୍ରମାଣପତ୍ର ପୁରସ୍କାର ବାବଦକୁ ମିଳିଛି। ଦିଲ୍ଲୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ଦୀପାଦନ୍ୱିତା ଦାସଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ହୃଦୟ ଚନ୍ଦନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ୧୩ରେ ଭୁବନେଶ୍ୱରରେ ହେଉଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ହୃଦୟ ଚନ୍ଦନ ଭାଗ ନେବେ।

## କିଶୋର ଶ୍ରମିକଙ୍କୁ ଧନ୍ଦାମୂଳକ ଶିକ୍ଷା

ଜୟପୁର,୧୧।୧୨(ଡି.ଏନ୍.ଏ.)

ଜିଲାପାଳଙ୍କ ନିର୍ଦ୍ଦେଶରେ କୋରାପୁଟ ଠାରେ ଜିଲାର ଅନୁସୂଚିତ ଜାତିର କିଶୋର ଶ୍ରମିକଙ୍କୁ ନେଇ ଧନ୍ଦାମୂଳକ ଶିକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଜିଲା ସ୍କିଲ ଡେଭଲପମେଣ୍ଟ କେନ୍ଦ୍ରରେ ଅନୁଷ୍ଠିତ ଏହି ଶିବିରରେ ୧୪ଟି ବ୍ଲକର ୧୨୪ ଜଣ ଯୁବକ ଯୋଗ ଦେଇଥିଲେ। ଏଥିରେ ଉଦ୍ଦିଷ୍ଟ ବିଭିନ୍ନ ପ୍ରକାର ତାଲିମ ଦ୍ୱାରା ସେମାନଙ୍କ ମଧ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ନୂଆଦିଲ୍ଲୀ ଅନୁସୂଚିତ ଜାତି ଅର୍ଥ ଏବଂ ବିକାଶ ନିଗମ, ଜାତୀୟ ସ୍କିଲ ଡେଭଲପମେଣ୍ଟ ନିଗମ ଏବଂ ଜିଲା ଶିଶୁ ଶ୍ରମିକ ପ୍ରକଳ୍ପ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ, ଶିଶୁ ପ୍ରକଳ୍ପ ସଂଯୋଜକ ବିନାୟକ ସାନ୍ତ୍ରା, ପୂର୍ଣ୍ଣଚନ୍ଦ୍ର ଅଧିକାରୀ, ପି.କେ. ଝା, ଯଶପାଲ ରାଓ୍ୱତ, ଦେବୀ ପ୍ରସାଦ ମହାନ୍ତି, ହରିପ୍ରସାଦ, ପି.କେ. ନାହାକ, ବିଶ୍ୱ ରଞ୍ଜନ ସାହୁ ଉପସ୍ଥିତ ଥିଲେ।

# ସେବା ସମବାୟ ସମିତି ଉଦ୍‌ଘାଟିତ



ବିଧାୟକ ସେବା ସମବାୟ ସମିତି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି।

ପାରଳାଖେମୁଣ୍ଡି,୧୧।୧୨(ସ୍ୱ.ପ୍ର)

ଗଜପତି ଜଲା ଗୋଷାଣି ବ୍ଲକ୍ ଅଧୀନ ନୂଆ କେରାଣ୍ଡି ଗ୍ରାମରେ ରାମଲିଙ୍ଗେଶ୍ୱର ସମବାୟ ସମିତି କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଛି। ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସମବାୟ ସମିତିର ଏହି ନୂତନ କାର୍ଯ୍ୟାଳଗୃହ ନିର୍ମାଣ ହୋଇଥିବା ଜଣାପଡ଼ିଛି। ଏଥିରେ ଅତିଥିଭାବେ ପାରଳାଖେମୁଣ୍ଡି ଏଆର୍‌ସିଏସ୍ ଟି.ଭି. ପ୍ରସାଦ ରାଓ ଯୋଗଦେଇ ସମବାୟ ସମିତି ଦ୍ୱାରା ଅଞ୍ଚଳବାସୀ ଆର୍ଥିକ ଭାବେ ଉପକୃତ ହୋଇପାରିବେ। ବିଶେଷକରି ଅଞ୍ଚଳର କୃଷକମାନେ ଅଧିକ ଉପକୃତ ହୋଇପାରିବେ ବୋଲି କୁହାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୋଷାଣୀ ବ୍ଲକ୍ ଅଧ୍ୟକ୍ଷା ସି.ଏଚ୍. ତାରକେଶ୍ୱରୀ, ସମିତିର ସଭାପତି ଇ. ସୁରେୟା, ଉପସଭାପତି ଏମ୍. ପୁନାମ୍ମା, ପ୍ରଶାନ୍ତ ପାତ୍ର, ସୁନୀଲ ମହାପାତ୍ର, ପ୍ରଶାନ୍ତ କୁମାର ପାଳଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆର୍ଟ ଅଫ ଲିଭିଂ ପକ୍ଷରୁ ଯୋଗ ଶିବିର

ଜୟପୁର,୧୧।୧୨(.ନି ପ୍ର.)

ଜୟପୁର ପ୍ରକାଶ ବିଦ୍ୟାଳୟ ପରିସରରେ ଦି ଆର୍ଟ ଅଫ ଲିଭିଂ ପକ୍ଷରୁ ଯୋଗ ଶିବିର ଆୟୋଜିତ ହୋଇଛି । ୫ ଦିନ ଧରି ଚାଲିଥିବା ଶିବିରରେ ଭୁବନେଶ୍ୱରରୁ ଆସିଥିବା ଯୋଗଗୁରୁ ମିହିର ପଟ୍ଟନାୟକ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ଦି ଆର୍ଟ ଅଫ ଲିଭିଂର ମମତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଶିବିର ହୋଇଥିଲା। ଏହି ଶିବିରରେ ନବମ, ଦଶମ ଶ୍ରେଣୀର ପ୍ରାୟ ଦେଢ଼ଶହ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଏ. ଦିଲ୍ଲିପ କୁମାର, ନିର୍ଦ୍ଦେଶକ ନାରାୟଣ ନିଶଙ୍କ, ଅଧ୍ୟକ୍ଷା କୃଷ୍ଣା ନିଶଙ୍କ, ରଞ୍ଜିତା ପାଢ଼ୀ ଶିବିରରେ ସହଯୋଗ କରିଥିଲେ।



'ଆର୍ଟ ଅଫ୍ ଲିଭିଂ' ପକ୍ଷରୁ ଆୟୋଜିତ ଶିବିରରେ ଯୋଗାଭ୍ୟାସ ଚାଲିଛି।

# ଆମ୍ବାଗୁଡ଼ା ବଜାରରେ ଯୁବକଙ୍କ ଆତଙ୍କରାଜ

**ଗାଡ଼ରେ ଜଣେ ନାବାଳକ ଆହତ**

ଜୟପୁର,୧୧।୧୨(ଡି.ଏନ୍.ଏ.)

ଜୟପୁର ସଦରଥାନା ଆମ୍ବାଗୁଡ଼ାରେ ନିକଟସ୍ଥ ଉମୁରୀ ଗ୍ରାମର କେତେକ ନାବାଳକ ଓ ଯୁବକ ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି। ପୂର୍ବ ଶତ୍ରୁତାରୁ ସେମାନେ ବିଭିନ୍ନ ମାରଣାସ୍ତ୍ର ନେଇ ଅପରାହ୍ନରେ ଆମ୍ବାଗୁଡ଼ାର ଜଣେ ଯୁବକଙ୍କୁ ଆକ୍ରମଣ କରିଥିଲେ। ଆମ୍ବାଗୁଡ଼ା ବଜାରର ଏକ ଦୋକାନରେ ବସିଥିବା ଜଣେ ନାବାଳକଙ୍କୁ ଟାଣି ଆଣି ରାସ୍ତା ଉପରେ ମାଡ଼ ମାରିବା ସହ କିଛି ସମୟ ପାଇଁ ଆତଙ୍କରାଜ ସୃଷ୍ଟି କରିଥିଲେ। ଏଥିରେ ନାବାଳକ ଆହାତ ହୋଇଛନ୍ତି । ଆମ୍ବାଗୁଡ଼ା ଫାଣ୍ଡି ଓ ସଦରଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଯିବା ଯୋଗୁ ଆକ୍ରମଣକାରୀ ଯୁବକମାନେ ୨ଟି ବାଇକ ଛାଡ଼ି ପଳାଇଥିଲେ। ତେବେ ପୋଲିସ ଉକ୍ତ ଦୁଇଟି ବାଇକ ଜବତ କରି ଉଭୟ ପକ୍ଷରୁ ୧୦ରୁ ଅଧିକ ଯୁବକଙ୍କୁ ଡାକି ପଚରାଉଚରା କରୁଛି। ଖବର ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇନାହିଁ। ଉଲ୍ଲେଖଯୋଗ୍ୟ, ପୂର୍ବ ଶତ୍ରୁତାରୁ ଆମ୍ବାଗୁଡ଼ା ଉଚ୍ଚ ବିଦ୍ୟାଳୟର ୨ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳରୁ ଏପରି ପରିସ୍ଥିତି ଉପୁଜିଥିବା ଜଣାପଡ଼ିଛି।

**ବିଭିନ୍ନ କୋର୍ଟରେ ହେବ ସରକାରୀ ଓକିଲ ନିଯୁକ୍ତି**

# ୭ ଆଇନଜୀବୀ ସଂଘକୁ ଚିଠି

ଜୟପୁର,୧୧।୧୨(ଡି.ଏନ୍.ଏ.)

ଜୟପୁରସ୍ଥିତ ଜିଲାଜଜ୍ କୋର୍ଟ କାର୍ଯ୍ୟାଳୟ ପକ୍ଷରୁ ଜିଲାର ଅନ୍ୟ କୋର୍ଟରେ ସରକାରୀ ଓକିଲ ନିଯୁକ୍ତି ପାଇଁ ଆଇନଜୀବୀଙ୍କ ନାମ ସୁପାରିଶ କରିବାକୁ କୋରାପୁଟର ୭ଟି ଆଇନଜୀବୀ ସଂଘକୁ ବୁଧବାର ଚିଠି କରାଯାଇଛି। ଜିଲା କୋର୍ଟର ରେଜିଷ୍ଟ୍ରାରଙ୍କ ପକ୍ଷରୁ ଜୟପୁର ଜିଲା ଆଇନଜୀବୀ ସଂଘ ସମେତ କୋରାପୁଟ, ସେମିଳିଗୁଡ଼ା, କୋଟପାଡ଼, ଲକ୍ଷ୍ମୀପୁର, ବୋରିଗୁମ୍ମା, ଦଶମନ୍ତପୁର ଆଇନଜୀବୀ ସଂଘକୁ ଏହି ଚିଠି ପଠାଯାଇଛି। ଯେଉଁ ସଂଘର ସଦସ୍ୟମାନେ ଆଇନ ଅଧିକାରୀ ତଥା ସରକାରୀ ଓକିଲ ଭାବେ ୩ ବର୍ଷ ଧରି କାର୍ଯ୍ୟ କରିଛନ୍ତି, ସେମାନଙ୍କ ସମୟ ଅବଧି ସମାପ୍ତ ହୋଇଛି । ତେଣୁ ଉକ୍ତ ସରକାରୀ ଓକିଲ ଜି.ପି. ପି.ପି ଏବଂ ଏପିପି ଭାବେ ସଂଘର ଆଇନଜୀବୀଙ୍କ ନାମ ସହ ଯୋଗ୍ୟତା ଏବଂ ଅନ୍ୟ ତଥ୍ୟ ସୁପାରିଶ କରିବାକୁ ଚିଠିରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟ ଆଇନ ବିଭାଗ ଗତ ଅଗଷ୍ଟ ୬ରେ ସମସ୍ତ ଜିଲାପାଳଙ୍କୁ ଚିଠି କରି ସରକାରୀ ଓକିଲ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲା। ଏହି କ୍ରମରେ କୋରାପୁଟ ଜିଲାପାଳ ସେହି ମାସ ୨୦ରେ ଜିଲା କୋର୍ଟ ରେଜିଷ୍ଟ୍ରାରଙ୍କୁ ଏଭଳି ନିଯୁକ୍ତି ପାଇଁ ଚିଠି ପଠାଇଥିଲେ। କିନ୍ତୁ ଏହାର ଦୀର୍ଘ ୪ ମାସ ଯାଏ ଜିଲାକୋର୍ଟ କାର୍ଯ୍ୟାଳୟ ଚୁପ୍ ରହିବା ଆଇନଜୀବୀ ଓ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।




କାର୍ଯ୍ୟକ୍ରମରେ ସିଆଇପିର ପ୍ରକଳ୍ପ ସଂଯୋଜକ ଓ ଅନ୍ୟମାନେ।

# କନ୍ଦମୂଳ ଚାଷକୁ ନେଇ ପୁଷ୍ଟି ସାଧନ କର୍ମଶାଳା

ପାରଳାଖେମୁଣ୍ଡି,୧୧।୧୨(ସ୍ୱ.ପ୍ର)

ଖାଦ୍ୟ ଓ କୃଷି ମନ୍ତ୍ରଣାଳୟ ଅଧୀନ ଆର୍‌କେଭି ଯୋଜନାରେ ଜନକଲ୍ୟାଣ ପ୍ରତିଷ୍ଠାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ବୁଧବାର ପାରଳାଖେମୁଣ୍ଡିସ୍ଥିତ ବାଲାଜୀ କଲ୍ୟାଣ ମଣ୍ଡପ ପରିସରରେ କନ୍ଦମୂଳ ଚାଷକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଆଳୁ ଅନୁଷ୍ଠାନର ସହଯୋଗରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜନକଲ୍ୟାଣ ପ୍ରତିଷ୍ଠାନର ସମ୍ପାଦକ ଦୁର୍ଗାମାଧବ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ କନ୍ଦମୂଳ ଚାଷ ଦ୍ୱାରା ଚାଷୀ କିପରି ଲାଭବାନ ହୋଇପାରିବେ ଏବଂ ସେମାନଙ୍କ ଆର୍ଥିକ ଉନ୍ନତି ଘଟିବ ସେ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଉଦ୍ୟାନ କୃଷି ବିଭାଗ ଉପ ନିର୍ଦ୍ଦେଶକ କେ. ସୁଦର୍ଶନ ଯୋଗଦେଇ କନ୍ଦମୂଳ ଚାଷ ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ଆଳୁ ଅନୁଷ୍ଠାନ (ସିଆଇପି)ର ପ୍ରକଳ୍ପ ସଂଯୋଜକ ଡ. ରମେଶ ଚନ୍ଦ୍ର ରାୟ, ସହକାରୀ ପ୍ରକଳ୍ପ ଅଧିକାରୀ ଦେବାଶିଷ ସାମନ୍ତରାୟ ଉପସ୍ଥିତ ଥିବାବେଳେ ଅକ୍ଷୟ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ପାୱାର ଲିଫ୍ଟିଙ୍ଗରେ ଚମକିଲେ ଘାସିରାମ

**୯୩ କେଜି ବର୍ଗରେ ରୌପ୍ୟ ପଦକ**

ଜୟପୁର,୧୧।୧୨(ଡି.ଏନ୍.ଏ.)

ରାଜ୍ୟସ୍ତରୀୟ ପାୱାର ଲିଫ୍ଟିଙ୍ଗ ପ୍ରତିଯୋଗିତାରେ ଚମକିଛନ୍ତି କୋରାପୁଟ ଜିଲାର ଜଣେ ଯୁବକ। ସେ ହେଲେ ଜୟପୁର ଢେପଗୁଡ଼ାର ଘାସିରାମ ହରିଜନ (୩୦)। ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଗତ ୭ରୁ ୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଘାସିରାମଙ୍କୁ ମିଳିଛି ରୌପ ପଦକ। ପ୍ରତିଯୋଗିତାର ୯୩ କେଜି ବର୍ଗରେ ୧୩୦ କିଲୋଗ୍ରାମ ଓଜନ ଉଠାଇ ସେ ଏହି ସଫଳତା ପାଇଛନ୍ତି।

ଜୟପୁର ଦଶହରା ପଡ଼ିଆରେ କ୍ରୀଡ଼ା ସଂଘ ଦ୍ୱାରା ପରିଚାଳିତ ଜିମ୍ନାସିୟମରେ ଦୈନିକ ବ୍ୟାୟାମ ଓ ପାୱାର ଲିଫ୍ଟିଙ୍ଗ କରିଥାଆନ୍ତି ଘାସିରାମ । ଏହା ପୂର୍ବରୁ ସେ ରାୟଗଡ଼ ଓ ନବରଙ୍ଗପୁର ପ୍ରତିଯୋଗିତାର ବିଜେତା ହୋଇଛନ୍ତି । ତାଙ୍କର ପ୍ରତିଭା ଦେଖିବା ପରେ ନବରଙ୍ଗପୁରର ପୂର୍ବତନ ଖେଳାଳି ତଥା କୋଚ ରମେଶ ଗରଡ଼ା ତାଙ୍କୁ ପ୍ରୋତ୍ସାହିତ କରିବା ଯୋଗୁ ୨୦୧୭ରେ ଘାସିରାମ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ଆରମ୍ଭ କରିଥିଲେ। ୨ ବର୍ଷର ନିୟମିତ ଅଭ୍ୟାସ ଫଳରେ ସେ ଆଜି ଏଭଳି ସଫଳତା ପାଇଥିବା ଘାସିରାମ କହିଛନ୍ତି। ଆଗକୁ ଜାତୀୟସ୍ତରରେ ପଦକ ଜିତିବା ତାଙ୍କର ଲକ୍ଷ୍ୟ ରହିଛି। ଘାସିରାମଙ୍କ ନିଜ ଘର ବୈପାରିଗୁଡ଼ା ଥାନା ଗଡ଼ିପୁଟ ଗ୍ରାମ। କିନ୍ତୁ କାର୍ଯ୍ୟ ଅନ୍ୱେଷଣରେ ସେ ଜୟପୁର ଆସି ଏଠାରେ ଦୀର୍ଘ ବର୍ଷ ହେଲା ଘରୋଇ ସଂସ୍ଥାରେ କର୍ମଚାରୀ ଭାବେ କାମ କରୁଛନ୍ତି।



## ସଂକ୍ଷେପରେ

### ଜିଲା ମୋଟର ଯାନ କ୍ଷେତ୍ର କର୍ମଚାରୀ ସଂଘ ବୈଠକ



ଡାବୁଗାଁ,୧୧।୧୨(ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ରଠାରେ ନବରଙ୍ଗପୁର ଜିଲା ମୋଟର ଯାନ କ୍ଷେତ୍ର କର୍ମଚାରୀ ସଂଘର ଏକ ବୈଠକ ସଂଘ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସଭାପତି କୃଷ୍ଣ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ୫।୧୨।୧୯ରେ ଉଚ୍ଚ ନ୍ୟାୟାଳୟ ଓଡିଶା କାର୍ଯ୍ୟରତ ଆରଟିଓ ଏଜେଣ୍ଟଙ୍କୁ ଥଇଥାନ କରିବା ପାଇଁ ରାୟ ଦେଇଥିବା ଯୋଗୁ ସଂଘ ପକ୍ଷରୁ ଧନ୍ୟବାଦ ସହ ନ୍ୟାୟାଳୟଙ୍କ ପଦକ୍ଷେପକୁ ସ୍ୱାଗତ ଜଣାଇଥିଲେ । ଆଗାମୀ ଦିନରେ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କିପରି ସୁରୁଖୁରୁରେ ଯାନବାହାନ ସମ୍ବନ୍ଧୀୟ କାର୍ଯ୍ୟ ଠିକ ସମୟରେ ହୋଇ ପାରିବ ସେଥିରେ ପୂର୍ଣ୍ଣ ସହଯୋଗ କରିବେ । ଏଥିସହ ଟ୍ରାଫିକ ନିୟମ ବିଷୟରେ ସଚେତନ କରିବା ଓ ଜିଲାର ବିଭିନ୍ନ ସ୍ଥାନରେ ସଡକ ସୁରକ୍ଷା ସଚେତନ ଶିବିର ଗୁଡିକ ଆୟୋଜନ କରି ଜନସାଧାରଙ୍କୁ ସଚେତନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ବୈଠକରେ ସମ୍ପାଦକ ଗୁପ୍ତ ପ୍ରସାଦ ରଣା, ଜିତେନ୍ଦ୍ର କୁମାର ଅଞ୍ଚାଙ୍ଗୀ, ପ୍ରସନ୍ନ କୁମାର ପଟ୍ଟନାୟକ, ବିଶ୍ୱନାଥ ରଥ, ଏମ୍. ଶଙ୍କର ରାଓ, ମନୋଜ କୁମାର ମହାପାତ୍ର, ଭୀମ ରାଜୁ ପାଇଚା ପ୍ରମୁଖ ଉପସ୍ଥିତ ଥିଲେ ।

### ଭତ୍ତା ବଣ୍ଟନ



ତେନ୍ତୁଳିଖୁଣ୍ଟି,୧୧।୧୨(ଡି.ଏନ.ଏ)- ତେନ୍ତୁଳିଖୁଣ୍ଟି ବ୍ଲକରେ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମପି ରମେଶ ମାଝି ଏବଂ ସମ୍ମାନିତ ଅତିଥି ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗ ଦେଇ ୧୮୦ ଜଣଙ୍କୁ ଭତ୍ତା ବଣ୍ଟନ କରିଛନ୍ତି। ବିଡିଓ ଅକ୍ଷମିତା କାର୍ତ୍ତିକ ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା ଦେବକୀ ନାୟକ, ଉପାଧକ୍ଷ ତନୟ ସାଗର ନାୟକ, ପୂର୍ବତନ ବ୍ଲକ ଅଧକ୍ଷ ସୁବାସ ଦାଶ, ବ୍ଲକ ବିଜେଡି ସଭାପତି ପ୍ରଫୁଲ ନାଗ, ନାରାୟଣ ପାତ୍ର ପ୍ରମୁଖ ମଞ୍ଚାସୀନ ରହିଥିଲେ। ବ୍ଲକ ସାମାଜିକ ଅଧିକାରୀ ବଳରାମ ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଏବଂ ପରିବେଶ ପ୍ରଦର୍ଶନୀ ମେଳା

# ୬ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

ଝରିଗାଁ,୧୧।୧୨(ସ୍ୱ.ପ୍ର)



ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମା ସ୍ଥିତ ନୋଡାଲ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ବିଭାଗ ତରଫରୁ ୨ ଦିନିଆ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଏବଂ ପରିବେଶ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଛି। ଜିଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷା ରମୁଲା ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପଦ୍ମନାଭ ପାଣ୍ଡେ, ମୋହନ ନାୟକ, ସରପଞ୍ଚ ଅଗସ୍ତି ପୂଜାରୀ, ବିଇଓ ସୁରେଶ ଚନ୍ଦ୍ର ନାଏକ, ଭଜନ ଲାଲ ମାଝୀ, ଟି. ମିନତୀ, ଈଶ୍ୱର ଚନ୍ଦ୍ର ମାଝୀ, ଡାବୁଗାଁ ଏବିଇଓ ଲକ୍ଷ୍ମୀକାନ୍ତ ବାହିନିପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଣେଶ୍ୱର ହୋତା, ଉମରକୋଟ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅସିମ୍ କୁମାର ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ୧୦ ବ୍ଲକରୁ ୬୦ ଟି ପ୍ରକଳ୍ପ ଏବଂ ଇନସ୍ପା ତରଫରୁ ଆସିଥିବା ୧୦ ଟି ପ୍ରକଳ୍ପକୁ ଅତିଥିମାନେ ଦେଖିଥିଲେ। ଉଦଘାଟନ ଉତ୍ସବର ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀ , ଜିଲା ପରିଷଦ ଉପାଧକ୍ଷା ନିବେଦିତା ମହାନ୍ତି, ଏମପିଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଞ୍ଜନ ଦାସ, ନବରଙ୍ଗପୁର ବିଇଓ ଚିତ୍ତରଞ୍ଜନ ପାଣିଗ୍ରାହୀ, ମୁଖ୍ୟବକ୍ତା ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆ ଉପସ୍ଥିତ ଥିଲେ। ନିଜ ଭିତରେ ରହିଥିବା ପ୍ରତିଭାକୁ କିପରି ଲୋକଙ୍କ ହିତରେ ଆସି ପାରିବ ସେଥି ନେଇ ସର୍ବଦା ଗୁରୁତ୍ୱ ଦେବା ନେଇ ମୁଖ୍ୟ ଅତିଥି କହିଥିଲେ। କୃତୀ ୬ ଛାତ୍ରୀଛାତ୍ରଙ୍କୁ ଏବଂ ଇନସ୍ପା ତରଫରୁ ଜଣେ ଛାତ୍ରୀଙ୍କୁ ରାଜ୍ୟ ସ୍ତରୀୟ ବିଜ୍ଞାନ, ଗଣିତ ଏବଂ ପରିବେଶ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିବା ନେଇ ଚୟନ କରାଯାଇଛି। ସେମାନେ ହେଲେ ଜାମୁଗୁଡା ରାଜୀବ ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସ୍ମୃତି ନାୟକଙ୍କ ଭଙ୍ଗା ସାଇକେଲର ମରାମତି ପ୍ରକଳ୍ପ, ବିକ୍ରମପୁର ସରକାରୀ ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟର ଛାତ୍ର ଯୁଧିଷ୍ଠିର ଭତ୍ରାଙ୍କ ସ୍ମାର୍ଟ ସିଟି ଏବଂ ସ୍ମାର୍ଟ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ରକଳ୍ପ, କରଚାମାଲ୍ ସରକାରୀ ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସରସ୍ୱତୀ ପୂଜାରୀଙ୍କ ଆବର୍ଜନାରୁ ପ୍ରସ୍ତୁତ ସହଜ ସାଧ କୃଷି ଯନ୍ତ୍ରପାତି ପ୍ରକଳ୍ପ, ରାଇଘର ଏକ୍ସ ବୋର୍ଡ ୟୁପି ସ୍କୁଲର ଛାତ୍ର ଦେବାଶିଷ ପଣ୍ଡାଙ୍କ ଫିଲ୍‌ଟର ଗ୍ୟାଲେରୀ, ଉମରକୋଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦିଶା ଗାଇନ୍‌ଙ୍କ ନେକ୍ସଟ୍ ଜେନେରେସନ୍ ପେଟ୍ରୋଲ୍ ପମ୍ପ ପ୍ରକଳ୍ପ, ଉମରକୋଟ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଶୁଭଲକ୍ଷ୍ମୀ ମଲ୍ଲିକଙ୍କ କାଲକୁଲେସନ୍ ଅଫ୍ ଏରିଆ ଏବଂ ଇନ୍ସପା କାର୍ଯ୍ୟକ୍ରମର ଶୁଭଲକ୍ଷ୍ମୀ ସ୍ୱାଇଁଙ୍କ ଆର୍ଡଭାନ୍ସ ସ୍ପିଡ୍ ବ୍ରେକର ପ୍ରକଳ୍ପକୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ନେଇ ଚୟନ କରାଯାଇଛି। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ମେଳାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମଧ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଝରଗାଁ ନୋଡାଲ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ୍ଦ୍ର କୁମାର ପାଢୀ ପରିଚାଳନା କରିଥିଲେ।

## ବସଷ୍ଟାଣ୍ଡରୁ ୯ ଦାଦନ ଶ୍ରମିକ ଉଦ୍ଧାର

ପାପଡାହାଣ୍ଡି,୧୧।୧୨ (ଡି.ଏନ.ଏ) – ପାପଡାହାଣ୍ଡି ବସଷ୍ଟାଣ୍ଡ ଛକରୁ ବୁଧବାର ୯ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ୫ ନାବାଳିକା ଓ ୪ ମହିଳା ରହିଛନ୍ତି। ଉଦ୍ଧାର ଶ୍ରମିକମାନେ କୋଷାଗୁମଡା ବ୍ଲକ ଟେମରା ପଞ୍ଚାୟତ ଅନ୍ତର୍ଗତ କୋଚିୟାଗୁଡାର ବୋଲି ଜଣାପଡିଛି। ଜଣେ ଦଲାଲ ଜରିଆରେ ସେମାନେ ଧାନ କାଟିବା ନିମନ୍ତେ କଳାହାଣ୍ଡି ଜିଲା ଯିବା ପାଇଁ ଅପେକ୍ଷା କରିଥିଲେ । ପିଏଲଭି ସଭ୍ୟ ରାଜକିଶୋର ରାଓ ସୂଚନା ପାଇ ଚାଇଲ୍ଡ ଲାଇନ ଜିଲା ସଂଯୋଜକ ରବୀନ୍ଦ୍ର ପ୍ରଧାନ, ଚାଇଲ୍ଡ ଲାଇନ ସଭ୍ୟ ରାମଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ । ସମସ୍ତ ଦାଦନ ଶ୍ରମିକଙ୍କୁ ଜିଲା ପ୍ରାଧିକରଣ କାର୍ଯ୍ୟାଳୟ ପାପଡାହାଣ୍ଡିଠାରେ ରଖାଯାଇଥିଲା । ଦଲାଲଙ୍କ ପରିଚୟ ସେମାନେ ଜାଣିନାହାନ୍ତି ବୋଲି କହିଛନ୍ତି । ସେମାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଚାଇଲ୍ଡ ଲାଇନ ଜିଲା ସଂଯୋଜକ ରବୀନ୍ଦ୍ର ପ୍ରଧାନ କହିଛନ୍ତି ।

## ଏମ୍‌ସିଏଚ୍ କୋଠାରେ ଗଣେଶ ମୂର୍ତ୍ତି ପ୍ରତିଷ୍ଠା



ପୂଜାର୍ଚ୍ଚନା କରାଯାଉଛି।

ନବରଙ୍ଗପୁର,୧୧।୧୨(ବି.ପ୍ର.)– ନବରଙ୍ଗପୁର ଶିଶୁ ଓ ମାତୃ ଅନ୍ତଃବିଭାଗ ଚିକିତ୍ସାଳୟ(ଏମସିଏଚ) କୋଠାରେ ବୁଧବାର ଗଣେଶ ମୂର୍ତ୍ତି ପ୍ରତିଷ୍ଠା ବହୁ ଆଡମ୍ବର ସହ କରାଯାଇଛି । ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ଅଫିସର ସୁଶାନ୍ତ କୁମାର ପ୍ରହରାଜ ଓ କଳ୍ପନା ପ୍ରହରାଜ କର୍ତ୍ତା ଭାବେ ବସି ପୂଜାର୍ଚ୍ଚନା ହୋମ ଆଦି କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ମିଶନ ଓ ଜିଲା ସଦର ମହକୁମା ଡାକ୍ତରଖାନାର ସମସ୍ତ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ । ପୂଜାର ପରେ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

## ବ୍ୟକ୍ତିଗତ ସ୍ତରରେ ସକାରାତ୍ମକ ଚେତନାର ଆବଶ୍ୟକ

ନବରଙ୍ଗପୁର,୧୧।୧୨(ବି.ପ୍ର.)– ବର୍ତ୍ତମାନ ଆମେ ବିକଶିତ ଦେଶମାନଙ୍କ ଶ୍ରେଣୀରେ ନିଜକୁ ସାମିଲ କରିବା ପାଇଁ ଚେଷ୍ଟା କରୁଛୁ । ଏଥିରେ ସଫଳତା ମଧ ମିଳୁଛି। ତେବେ ବର୍ତ୍ତମାନ ସମାଜରେ ବ୍ୟାପି ଚାଲିଥିବା ହିଂସା ଚିନ୍ତାର କାରଣ ହୋଇଛି। ଏଥିପାଇଁ ବ୍ୟକ୍ତିଗତ ସ୍ତରରେ ସକାରାତ୍ମକ ଆନ୍ତରିକ ଚେତନାର ବିକାଶ କରିବା ନିହାତି ଆବଶ୍ୟକ ବୋଲି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମାଉଣ୍ଟ ଆବୁରୁ ଆସିଥିବା ରାଜଯୋଗୀ ବ୍ରହ୍ମକୁମାର ଭଗବାନ ଭାଇ ମତବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟ ଓ ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷା ବିଷୟରେ ଉଦବୋଧନ ଦେଇଥିଲେ। ବର୍ତ୍ତମାନ ସମାଜ ସମ୍ବନ୍ଧରେ ଆମେ ସମସ୍ତେ ଭଲ ଭାବେ ଅବଗତ । କେବଳ ଭୌତିକ ବିକାଶ ଦ୍ୱାରା ମାନବ ସମାଜର ସର୍ବାଙ୍ଗୀନ ବିକାଶ ହୋଇ ପାରିବ ନାହିଁ । ଏଥିପାଇଁ ନୈତିକ ଓ ସାମାଜିକ ମୂଲ୍ୟବୋଧର ମଧ ଆବଶ୍ୟକତା ରହିଛି । ଆନ୍ତରିକ ଶକ୍ତିକୁ ଜାଗ୍ରତ କରି ସଂସ୍କାରିତ ଯୁବ ସମାଜର ପୁନଃ ନିର୍ମାଣ କରିବା ପାଇଁ ସେ ଆହ୍ୱାନ କରିଥିଲେ । ସଂସ୍କୃତି ପାଇଁ ଭାରତ ସାରା ବିଶ୍ୱରେ ପରିଚିତ । ତେଣୁ ବର୍ତ୍ତମାନ ପୁନଃଶ୍ଚ ଏକ ମୂଲ୍ୟନିଷ୍ଠ ସମାଜ ଗଠନ ପାଇଁ ସାମୂହିକ ପ୍ରୋତ୍ସାହିତ କରିବା ଆବଶ୍ୟକ ରହିଛି । ଏହି ଅବସରରେ ସ୍ଥାନୀୟ ସେବା କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମା କୁମାରୀ ନିଲମ ଦିଦିଜୀ ଏକ ଆଦର୍ଶଯୁକ୍ତ ସମାଜ ସ୍ଥାପନ କରିବା ପାଇଁ ଯୁବକମାନଙ୍କୁ ପ୍ରେରଣା ଦେଇଥିଲେ । ମହାବିଦ୍ୟାଳୟ ଅଧକ୍ଷ ସତ୍ୟ ନାରାୟଣ ନାୟକ ନୈତିକ ଶିକ୍ଷାର ଆବଶ୍ୟକ ଉପରେ କହିଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର ଧାକଡ ଧନ୍ୟବାଦ ଦେଇଥିଲେ । ଏଥିରେ ବି.କେ. ନମିତା, ରାକ୍ଷୀ, ଅଭିଜିତ, ବିଦ୍ୟାଧର, ରୋହୀତ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ରଙ୍କୁ ରାଜ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା ।

## ଭଗବାନ ବୈରାଗୀଙ୍କୁ ରାଷ୍ଟ୍ରୀୟ ସେବା ରତ୍ନ ପୁରସ୍କାର



ଭଗବାନ ବୈରାଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

ନବରଙ୍ଗପୁର,୧୧।୧୨(ବି.ପ୍ର.)– ଅନୁସୂଚିତ ଜାତି ଓ ଜନଜାତିଙ୍କ ସେବା ପାଇଁ ନବରଙ୍ଗପୁର ଜିଲାର ଯୁବ ସମାଜସେବୀ ଭଗବାନ ବୈରାଗୀଙ୍କୁ ରାଷ୍ଟ୍ରୀୟ ସେବାରତ୍ନ ପୁରସ୍କାର ପ୍ରଦାନ କରାଯାଇଛି। ଡିସେମ୍ବର ୯ ତାରିଖରେ ଦିଲ୍ଲୀରେ ଆୟୋଜିତ ବହୁଜନ ସାହିତ୍ୟ ଏକାଡେମୀ ସମ୍ମିଳନୀରେ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରାସ୍ତା ଓ ପରିବହନ କେନ୍ଦ୍ର ମନ୍ତ୍ରୀ ସରଭିଏ ସତ୍ୟନାରାୟନ ଯୋଗ ଦେଇ ଏହି ସମ୍ମାନ ଭଗବାନଙ୍କୁ ପ୍ରଦାନ କରିଛନ୍ତି।

## ଅଙ୍ଗୀକାର କାର୍ଯ୍ୟକ୍ରମ ଅନୁଷ୍ଠିତ

ଉମରକୋଟ,୧୧।୧୨(ଡି.ଏନ.ଏ)

ଉମରକୋଟ ପୌରାଞ୍ଚଳ କାର୍ଯ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅଙ୍ଗୀକାର ଅନୁଷ୍ଠିତ ହୋଇଯାଇଛି। ଆବର୍ଜନା ପୃଥକୀକରଣ, ଧୂମବିହୀନ ରୋଷେଇ ଘର,ବୃକ୍ଷରୋପଣ, ଶକ୍ତି ସଂରକ୍ଷଣ ସମ୍ପର୍କରେ ସଚେତନତା କରାଯାଇଥିଲା। ଅଙ୍ଗୀକାର କାର୍ଯ୍ୟକ୍ରମ ଉପରେ ବିଦ୍ୟାର୍ଥୀମାନଙ୍କୁ ନେଇ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ମୁଖ୍ୟଅତିଥି ଭାବେ ପ୍ରଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ, ସମ୍ମାନିତ ଅତିଥି ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ଉପେନ୍ଦ୍ର ଦୀପ ଯୋଗ ଦେଇଥିଲେ।




## ଗାଡ଼ି ଧକ୍କାରେ ଜଣେ ମୃତ

ଗୋପାଳପୁର,୧୧।୧୨– ଗୋପାଳପୁର ଥାନା ୧୬ନଂ. ଜାତୀୟ ରାଜପଥରେ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଫୁଲତା ଗ୍ରାମର ତ୍ରିଲୋଚନ ଦାଶ। ନଂ. ୧୪୩/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମଙ୍ଗଳବାର ରାତିରେ ତ୍ରିଲୋଚନ ୧୬ନଂ. ରାଜପଥରେ ଚାଲି ଚାଲି ଘରକୁ ଫେରୁଥିଲେ। ଗଞ୍ଜାମ ଢାବା ନିକଟରେ ଏକ ଅଜଣା ଗାଡ଼ି ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା।

## ଡାକ୍ତର ସମା ଦାଶ ଓ ଅଭୟ ଦେଙ୍କୁ ଜିଲାପାଳ କଲେ ସମ୍ମାନିତ

ନବରଙ୍ଗପୁର,୧୧।୧୨(ବି.ପ୍ର.)– ନବରଙ୍ଗପୁର ଜିଲା ଝରିଗାଁ ଠାରେ ଜିଲା ସ୍ୱାସ୍ଥ୍ୟ ସମିତି ଓ ରେଡକ୍ରସ ପକ୍ଷରୁ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୨୨୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଜିଲା ଗଠନର ୨୭ ବର୍ଷ ମଧରେ ଏହା ହେଉଛି ରେକର୍ଡ ସଂଖ୍ୟକ । ଜିଲା ସ୍ୱାସ୍ଥ୍ୟ ସମିତି ଅଧକ୍ଷ ତଥା ଜିଲା ପ୍ରାଶସନ

**ରେକର୍ଡ ସଂଖ୍ୟକ ୟୁନିଟ ରକ୍ତ ସଂଗ୍ରହ**



ଡାକ୍ତରଙ୍କୁ ଜିଲାପାଳ ମାନପତ୍ର ପ୍ରଦାନ କରୁଛନ୍ତି।

ପକ୍ଷରୁ ଜିଲାପାଳ ଅଜିତ କୁମାର ମିଶ୍ର ଏହି ସଫଳତା ପଛରେ ଉଦ୍ୟମ ରହିଥିବା ଝରିଗାଁର ରମେଶ ପଟ୍ଟନାୟକ, ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସମା ଦାଶ ଓ ପୂଜାରିଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅଭୟ ଦେଙ୍କୁ ମାନ ପତ୍ର ପ୍ରଦାନ କରାଯାଇ ସମ୍ମାନିତ କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ସମିତି ମାସିକ ସମୀକ୍ଷା ବୈଠକରେ ଉକ୍ତ ତିନିଜଣଙ୍କୁ ସମ୍ମାନିତ କରାଯାଇଥିଲା ।

## ■ ମଣ୍ଡେଇ ମଞ୍ଚ ନାଟକ ଉଦ୍‌ଯାପିତ

# ‘ସମ୍ପର୍କ’, ‘ଓଡ଼ିଆ ଘରର ବୋହୂ’ ନାଟକ ମଞ୍ଚସ୍ଥ

ନବରଙ୍ଗପୁର,୧୧।୧୨(ବି.ପ୍ର.)



ଓଡିଆ ଘରର ବୋହୂ ନାଟକର ଏକ ଦୃଶ୍ୟ ।



କଳାକାରମାନେ ସମ୍ପର୍କ ନାଟକ ପରିବେଷଣ କରୁଛନ୍ତି ।

ସ୍ଥାନୀୟ ଶାସ୍ତ୍ରୀ ଭବନ ଠାରେ ଅନୁଷ୍ଠିତ ମଣ୍ଡେଇ ମଞ୍ଚ ନାଟକ ବୁଧବାର ଉଦଯାପିତ ହୋଇ ଯାଇଛି । ଉଦଯାପନୀ ଦିବସରେ ଉମରକୋଟ ପୌର ପରିଷଦ ଓ ରାଇଘର ବ୍ଲକର ନାଟକ ମଞ୍ଚସ୍ଥ ହୋଇଥିଲା । ଉମରକୋଟ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରାୟୋଜିତ ଭାରତୀ କଳାନିକେତନର ପ୍ରସ୍ତୁତ ନାଟକ ‘ସମ୍ପର୍କ’ ରଚନା କରିଛନ୍ତି ଗୋପାଳ ମହାରଣା, ନିର୍ଦ୍ଦେଶନା ଅଧାପିକା ମଧୁସ୍ମିତା ମହାରଣା, ପରିକଳ୍ପନା ଅଧାପିକା ଏମ. ମଧୁଛନ୍ଦା, ମଞ୍ଚସଜ୍ଜାରେ ରବିନ୍ଦ୍ର କୁମାର ଗୁପ୍ତା, ବିଷ୍ଣୁଦାଶ ହରିଜନ ରହିଥିଲେ । ଅଭିନୟରେ ଶିଶୁ କଳାକାର ସାଇ ଅନୁଷ୍କା ମହାରଣା, ଦୀପ ଶିଖା ନାୟକ, ମନୋଜ କୁମାର ବାଘ, ସନ୍ତୋଷ ପରିଡା ରହିଥିଲେ । ସଂକ୍ଷେପରେ ଅନେକ କଥା, ସମ୍ପର୍କର ବାସ୍ତବତା, ଜୀବନର ସତ୍ୟତା ଏହି ବାର୍ତ୍ତା ନେଇ ‘ସମ୍ପର୍କ’ ନାଟକ ମଞ୍ଚସ୍ଥ ହୋଇଥିଲା । ସେହିଭଳି ରାଇଘର ବ୍ଲକ ପ୍ରଶାସନ ପକ୍ଷରୁ ପ୍ରାୟୋଜିତ ନାଟକ ଓଡିଆ ଘରର ବୋହୂ ମଞ୍ଚସ୍ଥ ହୋଇଥିଲା । ଓଡିଆ ସଂସ୍କୃତି ଓ ପର୍ବପର୍ବାଣୀ । ଓଡିଆ ଘରର ରିତିନିତୀକୁ ନେଇ ବୋହୂ ସ୍ୱୟଂ ସଂପୂର୍ଣ୍ଣା ହୁଏ । ପ୍ରତିକୂଳ ପରିସ୍ଥିତିରେ ବଦଳି ଯାଉଥିବା ପାରିବାରିକ ମାନଚିତ୍ରର ନିଚ୍ଛକ ଉଦାହରଣ ହେଉଛି ଓଡିଆ ଘରର ବୋହୂ । ରଚନା କରିଛନ୍ତି ଅଭିରାମ ଲେଙ୍କା, ନିର୍ଦ୍ଦେଶନା ପରକ୍ଷିତ ସାହୁ, ପରିକଳ୍ପନା ପଦ୍ମନାଭ ରାଉତ, ସଙ୍ଗୀତ ଲକେଶ, କଲ୍ଲେଶ, କମଲସିଂ ରାଜପୁତ ଓ ଗୋବିନ୍ଦ ମଲ୍ଲିକ । ଅଭିନୟରେ ଅଭିରାମ ଲେଙ୍କା, ତ୍ରିଲୋଚନ ରାଉତ, ଅଶୋକ କୁମାର ପ୍ରଧାନ, ଲକ୍ଷ୍ମୀ ପ୍ରିୟା ନାୟକ, ଦିନବନ୍ଧୁ

> ■ଜୀବନର ସତ୍ୟତା ବାର୍ତ୍ତା ବହନ କରୁଛି ‘ସମ୍ପର୍କ’
>
> ■ ପ୍ରତିକୂଳ ପରିସ୍ଥିତିରେ ବଦଳୁଥିବା ପାରିବାରିକ ଚିତ୍ରର ନିଚ୍ଛକ ଉଦାହରଣ ‘ଓଡିଆ ଘରର ବୋହୂ’

ଚିନ୍ଦ୍ରା, ରୋସନ ବାରିକ, ମୁକ୍ତି କାନ୍ତ ସାହୁ, ବିଚିତ୍ର କୁମାର ସାମନ୍ତରାୟ, ଶଙ୍କର ମହାରଣା ଓ ଶିତଲ ବେହେରା ରହିଥିଲେ । ଏଥିରେ ଅତିଥି ଭାବେ ଜିଲାପାଳ ଅଜିତ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର, ଡିଏଫଓ ରଞ୍ଜିତ ମଳିକ, ଉପଜିଲାପାଳ ଭାସ୍କର ରଇତୋ, ଜିଲା ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଡିକା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ ଯୋଗ ଦେଇଥିଲେ। କଳାକାରମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ଜିଲାପାଳ ସମ୍ମାନିତ କରିଥିଲେ।






ମୋ ନାମ ପରବେଶ, ଜିଲ୍ଲା ଭରତପୁର, ରାଜସ୍ଥାନର ବାସିନ୍ଦା। ମୋ ସମୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଓ ଅନିୟମିତ ରହୁଥିଲା। ବହୁତ ମହଙ୍ଗା-ମହଙ୍ଗା ଡାକ୍ତରଙ୍କୁ ଦେଖାଇଲି କିନ୍ତୁ ଆଦୌ କିଛି ଫରକ ପଡ଼ିଲା ନାହିଁ। ଦିନେ ମୋ ଭଉଣୀ ମୋ ସମସ୍ୟାକୁ ବୁଝି ‘ସଚ୍ଚି ସହେଲୀ’ ଆୟୁର୍ବେଦିକ ଟନିକ୍ ବ୍ୟବହାର କରିବାର ପରାମର୍ଶ ଦେଲେ। କାରଣ ମୋ ଭଉଣୀ ମଧ ‘ସଚ୍ଚି ସହେଲୀ’ର ରେଜଲ୍ଟ ସହ ପରିଚିତ ଥିଲା। ତା’ କହିବା ଅନୁସାରେ ‘ସଚ୍ଚି ସହେଲୀ’ ଟନିକ୍ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି। ମାତ୍ର ୨୧ ଦିନ ଭିତରେ ମୋତେ ବହୁତ ଲାଭ ମିଳିଲା।



ମୋ ନାମ ଅଞ୍ଜନା, ବୟସ ୩୨ ବର୍ଷ, ଗ୍ରାମ ମେନଥାପଲ, ନାହନର ବାସିନ୍ଦା। ପ୍ରାଇଭେଟ୍ ଚାକିରି କରେ। ଅଫିସ୍‌ରେ କାମ କରିବା ପରେ ଘରକାମ କରିବାର ସାହସ ରହୁ ନ ଥିଲା, କାରଣ ତଳିପେଟ ବ୍ୟଥା, ରକ୍ତହୀନତା ସମସ୍ୟା ମୋତେ ଆରମ୍ଭରୁ ରହୁଥିଲା। ଚିକିତ୍ସା ତ ବହୁତ କରାଇଲି କିନ୍ତୁ କିଛି ଲାଭ ମିଳିଲା ନାହିଁ । ଦିନେ ମୋ ବାନ୍ଧବୀଙ୍କ କହିବା ଅନୁସାରେ ମୁଁ ଆୟୁର୍ବେଦିକ ‘ସଚ୍ଚି ସହେଲୀ’ ଟନିକ୍ ୨-୨ ଚାମଚ ସେବନ କରିବା ଆରମ୍ଭ କଲି। ମାତ୍ର ଏକ ମାସ ଭିତରେ ହିଁ ମୋ ସ୍ୱାସ୍ଥ୍ୟସ୍ଥିତି ବହୁତ ଭଲ ହୋଇଯାଇଛି। ଏଥିପାଇଁ ମୁଁ ଆୟୁର୍ବେଦିକ ‘ସଚ୍ଚି ସହେଲୀ’କୁ କୃତଜ୍ଞତା ଜଣାଉଛି ।



ମୋ ନାମ ସୁଲୋଚନା ଦେବୀ, ବୟସ ୨୮ ବର୍ଷ, ସିରମୋରର ବାସିନ୍ଦା ତଥା ଗୃହିଣୀ ଅଟେ। ଯେବେଠାରୁ ସେ ଦିନଗୁଡ଼ିକ ଆରମ୍ଭ ହେଲା ସେବେଠାରୁ ପେଟ ବ୍ୟଥା, କ୍ଳାନ୍ତି, ଚିଡ଼ିଚିଡ଼ାପଣ ଏ ସବୁ ସମସ୍ୟା ଆରମ୍ଭ ହୋଇଯାଇଥିଲା। ମୋ ଅବସ୍ଥା ଦେଖି ମୋ ନଣନ୍ଦ ମୋତେ ସଚ୍ଚି ସହେଲୀ କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଆଣି ଦେଲେ। ନିର୍ଦ୍ଦେଶ ଅନୁଯାୟୀ ‘ସଚ୍ଚି ସହେଲୀ’ ଟନିକ୍ ୨-୨ ଚାମଚ ନଖଉଷୁମ ପାଣି ସହିତ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି। ମାତ୍ର ୨ ମାସ ମଧରେ ମୋ ସମସ୍ୟାରୁ ଅପେକ୍ଷାକୃତ ଉପଶମ ମିଳିଲା। ଏବେ ମୋର ଆୟୁର୍ବେଦିକ ‘ସଚ୍ଚି ସହେଲୀ’ ଉପରେ ପୂର୍ଣ୍ଣ ଭରସା ଅଛି।



ମୁଁ ଜୁଲି, ଜିଲ୍ଲା ମେନ ପୁରୀ (ୟୁପି)ର ବାସିନ୍ଦା, ଜବ୍ କରେ । ମୋ ଅଣ୍ଟା ବ୍ୟଥାର ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି, ଏହି କାରଣରୁ କୁଣ୍ଡିଆ ଓ ଜ୍ୱଳନ ସମସ୍ୟା ମଧ ରହୁଥିଲା। ସମୟ ମଧ ନିୟମିତ ରହୁ ନ ଥିଲା। ଦିନେ ମୋ ମମ୍ମି ମୋତେ ଆୟୁର୍ବେଦିକ ‘ସଚ୍ଚି ସହେଲୀ’ର କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଆଣିଦେଲେ। ଡବାରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ମୁଁ ‘ସଚ୍ଚି ସହେଲୀ’ ଟନିକ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ ଆରମ୍ଭ କଲି। ମାତ୍ର ୫ ସପ୍ତାହରେ ମୋର ସବୁ ସମସ୍ୟା ପୂର୍ବାପେକ୍ଷା ବହୁତ କମିଗଲା। ଥ୍ୟାଙ୍କ ୟୁ ‘ସଚ୍ଚି ସହେଲୀ’।

24x7 Helpline : 0171-3055171 | ନିଜର ନିକଟତମ ମେଡିକାଲ ଷ୍ଟୋର୍‌ରୁ କିଣନ୍ତୁ



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

